## ସଂକ୍ଷେପରେ

### ରନ୍ଧନ ଗ୍ୟାସରେ ପୋଡ଼ି ହୋଇ ମହିଳା ଗୁରୁତର

**କୋକସରା,୬।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମର ସୂର୍ଯ୍ୟକାନ୍ତି ମହାନ୍ତି (୬୫) ରନ୍ଧନ ଗ୍ୟାସରେ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ଘରେ ରୋଷେଇ କରୁଥିବା ବେଳେ କୌଣସି କାରଣରୁ ରନ୍ଧନ ଗ୍ୟାସ ସଂସ୍ପର୍ଶରେ ଆସି ପୋଡି ହୋଇ ଯାଇଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଅଣାଯାଇ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ୧୬ରୁ ବହୁଚରା ମାତାଙ୍କ ଷୋହଳ ପୂଜା

**ରୂପ୍ରାରୋଡ,୬।୪(ଡି.ଏନ.ଏ.):** ଆସନ୍ତା ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ନର୍ଲା କିନ୍ନର ସଂଘ ପକ୍ଷରୁ ବହୁଚରା ମାତାଙ୍କ ଷୋହଳ ପୂଜା ନର୍ଲାରୋଡର ଏକ ଲଜ୍ ପାଖରେ ମହାସମାରୋହରେ ପାଳିତ ହେବ ବୋଲି ସେବାକାରୀ କିନ୍ନର ସଂଘର ସଭାନେତ୍ରୀ କାମିନୀ କିନ୍ନର ପ୍ରକାଶ କରିଛନ୍ତି। ୧୬ ତାରିଖ ଦିନ କଳସ ଯାତ୍ରା,୧୭ରେ ପୀଠ ପୂଜା, ୧୮ରେ ସଭାକାର୍ଯ୍ୟ ଓ ୧୯ ତାରିଖ ଦିନ ଶୁଭ କଳସର ନଗର ପରିକ୍ରମା କାର୍ଯ୍ୟକ୍ରମ ହେବ ବୋଲି ସଂଘର ଉପସଭାପତି ପାୟଲ କିନ୍ନର ଜଣାଇଛନ୍ତି। ବହୁଚରା ମାତାଙ୍କ ଷୋହଳ ପୂଜା କାର୍ଯ୍ୟକ୍ରମରେ କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର ଓ ରାୟଗଡ଼ା ଜିଲାର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କିନ୍ନର ଯୋଗଦାନ କରିବାକୁ ଥିବା ସଂପାଦକ ଅରୁଣ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହ ସଂପାଦକ ଶୁକଦେବ ଭୋଇ, କୋଷାଧକ୍ଷ ରାଜୁ ଜୁଏଲ, ଦୁର୍ଗା କିନ୍ନର, ବର୍ଷା କିନ୍ନର, ରିତା କିନ୍ନର,ବୁଲବୁଲ କିନ୍ନର, ବିନୁ କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଅନେକ ସଂଗଠନର ସଦସ୍ୟ ଏହି କାର୍ଯ୍ୟକ୍ରମକୁ ଆସୁଥିବା ଜଣାପଡିଛି।

### ଚିଆଁପଦର ଉ.ପ୍ରା.ବିଦ୍ୟାଳୟରେ ଦୀକ୍ଷାନ୍ତ ସମାରୋହ

**ରୂପ୍ରାରୋଡ଼,୬।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଚିଆଁପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗଦୀଶ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରିଆଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା କଣ୍ଠଶିଳ୍ପୀ ନିର୍ମଳ ଚନ୍ଦ୍ର ଭୋଇ, ବିଦ୍ୟାଳୟର ଶିକ୍ଷକ ବାବୁ ପାଢୀ, ଶିକ୍ଷୟିତ୍ରୀ କାଜଲ ପ୍ରିୟଦର୍ଶିନୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଜବ୍ର ଶବର ମଞ୍ଚାସୀନ ଥିଲେ। ଅତିଥିମାନେ ପିଲାମାନଙ୍କୁ ସମୟର ସଦ୍ ବ୍ୟବହାର ସହ କିପରି ଆଗାମୀ ଦିନରେ ସଫଳତା ପାଇହେବ ଏବଂ ବିଦ୍ୟାଳୟର ନାମ ରଖିହେବ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ବିଦାୟୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ଖାତା କଲମ ପ୍ରଦାନ କରାଯାଇଥିଲା।

### ୪୦ ୟୁନିଟ ରକ୍ତ ସଂଗ୍ରହ

**ରୂପ୍ରାରୋଡ,୬।୪(ଡ଼ି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ସରିଆଁ ଗ୍ରାମର ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ହିମାଂଶୁ ଭୋଇ ଓ ଝିଲି ଭୋଇଙ୍କ ପୁତ୍ର ଆୟାଂଶର ଜନ୍ମଦିନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଅନୁଷ୍ଠାନର ଉପଦେଷ୍ଟାଙ୍କ ସମେତ ୪୦ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଜୋନ ୨ ଜିଲା ପରିଷଦ ହରିଶଙ୍କର ମାଝୀ ଓ ସମ୍ମାନିତ ଅତିଥି ଭାବେ ସଭାପତି ଦୁର୍ବାଦଳ ଭୋଇ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ନେତାଜୀ କ୍ଲବ ବଲବସପୁର, ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ପଲସାପଦା ଏବଂ ଅର୍ଜୁନ ଗାଁ, ବଡ଼ଗୁଣ୍ଡରି, ବଡ଼ବ୍ରାହ୍ମଣୀ, ଟୋଲବ୍ରାହ୍ମଣୀ ଗ୍ରାମରୁ ଆସି ରକ୍ତଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ମିଲନ କୁମାର ଭୋଇ, ଉପସଭାପତି ଏସ. ସାହୁଙ୍କ ସମେତ ଅନୁଷ୍ଠାନର ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ। କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ଅଫିସର ଡ. ଅନୁଜା ପାଣ୍ଡେଙ୍କ ଉପସ୍ଥିତରେ ଭବାନୀପାଟଣା ରକ୍ତଭଣ୍ଡାରର କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁ, ଗିରିଶ ନାଏକ, ସଞ୍ଜୀବ ମହାକୁଡ଼ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ଆମପାଣି ଅଞ୍ଚଳରେ ଝଡ଼ତୋଫାନ: କୁଆପଥର ମାଡ଼

**କୋକସରା,୬।୪(ଡି.ଏନ.ଏ.)**

ଗତ କିଛି ଦିନ ହେବ କୋକସରା ବ୍ଲକ ଅଞ୍ଚଳରେ ଅପରାହ୍ନରେ ଝଡ଼ ତୋଫାନ ସହ ତୁହାକୁ ତୁହା ବର୍ଷା ଲାଗି ରହିଛି। ଗୁରୁବାର ଅପରାହ୍ନରେ ବ୍ଲକର ଆମପାଣି, ବଡ଼ ପୋଡାଗୁଡା, ବରାଡଙ୍ଗା ପଞ୍ଚାୟତ ଅଞ୍ଚଳରେ ଝଡତୋଫାନ ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ଫଳରେ ପନିପରିବା ଫସଲ ନଷ୍ଟ ହୋଇଛି। ଆମପାଣି ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଡ ବଡ ଗଛର ଡାଳ ଭାଙ୍ଗିଯିବାରୁ କିଛି ସମୟ ପାଇଁ ଗାଡି ମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏମିତି କୁଆପଥର ବର୍ଷା ବିଗତ କିଛ ବର୍ଷ ମଧ୍ୟରେ ହୋଇ ନ ଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଆମପାଣି ପଞ୍ଚାୟତ


ଆମପାଣି ଅଞ୍ଚଳରେ ହୋଇଥିବା କୁଆପଥର ବର୍ଷା।

**ଭାଙ୍ଗିଲା ଗଛ, ଯାତାୟାତ ବାଧାପ୍ରାପ୍ତ**

କନ୍ଦାଗଡ ଗ୍ରାମର କେତୁଚନ୍ଦ୍ର ମାଝୀ, ଅଖିଳ ମାଝୀ, ଅଭିନ୍ନ ମାଝୀ, ରଷିମଣି ମାଝୀ, କୁମଚନ୍ଦ୍ର ମାଝୀଙ୍କ ଘର କୁଆପଥର ମାଡରେ କ୍ଷତିଗ୍ରସ୍ତ ହୋଇଛି । କେତେଜଣ ବ୍ୟକ୍ତିଙ୍କ ଚାଳ ଛପର ଓ ଆଜବେଷ୍ଟସ୍ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ନେଇ ଆମପାଣି ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ ଜଣାଇଛନ୍ତି । କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ତେବେ ରାସ୍ତାରେ ବିଛାଇ ହୋଇ ପଡିଥିବା କୁଆପଥର ଆସ୍ତରଣ ଦେଖି ସ୍ଥାନୀୟ ଲୋକେ କିଛି ସମୟ ପାଇଁ ମଜା ମଧ୍ୟ ଉଠାଇଥିବା ଦେଖିବାକୁ ମିଳିଥିଲା ।

# ମେଡିକାଲ ସିଟ୍ ଅନୁମୋଦନ ପରେ ଖୁସିର ଲହରି

**ଭବାନୀପାଟଣା,୬।୪(ସ୍ୱ.ପ୍ର.)**




■କଳାହାଣ୍ଡି ଜିଲା
■୧୦୦ଟି ଏମ୍‌ବିବିଏସ୍ ସିଟ ଲାଗି ମିଳିଲା ଅନୁମୋଦନ

କଳାହାଣ୍ଡି ଜିଲା ସଦର ମହକୁମା ଭବାନୀପାଟଣାଠାରେ ମେଡିକାଲ କଲେଜ ଖୋଲିବା ନେଇ ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ (ନ୍ୟାସନାଲ ମେଡିକାଲ କମିଶନ) ଅନୁମୋଦନ ଦେଇଛନ୍ତି। ଏଠାରେ ଖୋଲାଯିବାକୁ ଥିବା ମେଡିକାଲ କଲେଜରେ ୧୦୦ ଏମ୍‌ବିବିଏସ ସିଟ ପାଇଁ ଅନୁମୋଦନ ଦେଇଥିବା ଜଣାଯାଇଛି। ଏ ନେଇ କମିଶନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ମେଡିକାଲ କଲେଜ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ସହ ରାଜ୍ୟ ସରକାରଙ୍କ ଲକ୍ଷ୍ୟକୁ ପୂରା କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଚଳିତ ଶିକ୍ଷାବର୍ଷରେ ଏଠାରେ ପାଠପଢା ଆରମ୍ଭ ହେବ। ଏଥି ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହାକୁ ନେଇ କଳାହାଣ୍ଡି ଜିଲାରେ ଏବେ ଖୁସିର ଲହରି ଦେଖା ଦେଇଛି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୬।୪(ଡି.ଏନ.ଏ.)**

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ରୋକିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏପ୍ରିଲ ୧ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣା ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଉଛି । ଏହାସତ୍ତ୍ୱେ ଜନସାଧାରଣ ଟ୍ରାଫିକ ନିୟମକୁ ନେଇ ସଚେତନ ନ ଥିବାରୁ ଦୁର୍ଘଟଣାଜନିତ ମୃତ୍ୟୁ ହାର ବୃଦ୍ଧି ପାଉଛି। ସେଥିପାଇଁ ଯୁବ ପିଢ଼ି ବିଶେଷ କରି ୧୮ ବର୍ଷରୁ କମ୍ ବୟସର ପିଲାମାନେ ସଚେତନ ହେବା ଆବଶ୍ୟକ ବୋଲି ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି। ଗୋଲାମୁଣ୍ଡାସ୍ଥିତ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଜୟନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ୟାପଟେନ ମିଶ୍ର ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇବା ସହ ଟ୍ରାଫିକ ନିୟମ ମାନି ସଡ଼କ ଦୁର୍ଘଟଣା ରୋକିବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ଯୋଗଦେଇ ନାବାଳକମାନେ ଗାଡ଼ି ନ ଚଳାଇବା, ମୋବାଇଲରେ କଥା ହୋଇ ଗାଡ଼ି ନ ଚଳାଇବା,ବିନା ହେଲମେଟଧାରୀ ବ୍ୟକ୍ତି ଦ୍ରୁତ ଗତିରେ ଗାଡ଼ି ନ ଚଳାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ ତରଫରୁ ପ୍ରସ୍ତୁତ ସଡ଼କ ସୁରକ୍ଷା ସଚେତନତା ସଂପର୍କିତ ପ୍ରଚାରପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଭ୍ୟ ଅବିନାଶ ଠାକୁର, ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ନାୟକ, ସ୍ଥାନୀୟ ଥାନା ସବ୍ ଇନ୍ସପେକ୍ଟର ସୁଶ୍ରୀ ଶାନ୍ତି ତିର୍କୀ, ବୃନ୍ଦାବାହାଲ ସରପଞ୍ଚ ଦିନେଶ କୁମାର ରାଉତ ଯୋଗ ଦେଇ ଟ୍ରାଫିକ ନିୟମ ପାଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ବିଜୟ କୁମାର ସାହୁ, ପ୍ରବୀର କୁମାର ରାୟ, ଘନଶ୍ୟାମ ଭାଟି, କବି ପ୍ରସାଦ ପଟ୍ଟନାୟକ, ସନ୍ଦୀପ କାନୁନଗୋ, ଯଯାତି କେଶରୀ ରାଉତ, ତ୍ରିନାଥ ପଟ୍ଟନାୟକ, ସନ୍ତୋଷ କୁମାର ବାରିକ, ଦିଲିପ କୁମାର ସ୍ୱାଇଁ, ପ୍ରସନ୍ନ କୁମାର ପ୍ରଧାନ, ପ୍ରମୋଦ ମହାନ୍ତି, ବୈକୁଣ୍ଠ ପଟେଲଙ୍କ ସମେତ ଅଧାପିକା ଅଧାପକ, ଅଣ ଶିକ୍ଷକ କର୍ମଚାରୀ ତଥା ମୋ ସ୍କୁଲର ସଦସ୍ୟ, ଯୁବ ରେଡକ୍ରସ ଓ ଭାରତ ସ୍କାଉଟ ଗାଇଡ୍ ବିଭାଗର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ପ୍ରାଧ୍ୟାପକ ସରୋଜ କାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବରଦାତା ସମ୍ମିଳନୀରେ ପୂର୍ବତନ ଏସିଏଫ୍ ସ୍ତ୍ରୀଙ୍କ ସୂଚନା

**ବେଲ୍ ଥାଇ ମଧ୍ୟ ଜେଲ ପଠାଇଥିବା ଅଭିଯୋଗ**

**ଭବାନୀପାଟଣା,୬।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ରେ ଆମ ଜଙ୍ଗଲ କ୍ୟାମ୍ପ ଯୋଜନାରେ ୨୦୧୫-୧୬, ୨୦୧୬-୨୦୧୭ ବର୍ଷରେ ଖେରାବାଣ୍ଡି, ନର୍ଲା ଓ ସର୍ଗିଗୁଡା ତିନିଟି ବିଟରେ ୧୪୫୦ ହେକ୍ଟର ଜଙ୍ଗଲରେ ବନୀକରଣ ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ବନ ଅଧିକାରୀମାନେ ୨୩ ଲକ୍ଷ ୬୩ ହଜାର ୯୪୦ ଟଙ୍କା ଆତ୍ମସାତ କରିଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା। ପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୂର୍ବତନ ଡିଏଫଓ, ପୂର୍ବତନ ଏସିଏଫ, ପୂର୍ବତନ ରେଞ୍ଜର, ପୂର୍ବତନ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଭିଜିଲାନ୍ସ ବିଭାଗ। ତଦନ୍ତରେ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ସମସ୍ତଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର ହେବା ପାଇଁ ସମନ ହୋଇଥିଲା। ତେବେ ପୂର୍ବତନ ଏସିଏଫ ସୁଶାନ୍ତ କୁମାର ସାମନ୍ତରାୟଙ୍କ ପୂର୍ବରୁ ଜାମିନ ଥାଇ ମଧ୍ୟ କିପରି ଭାବରେ ତାଙ୍କୁ ଭିଜିଲାନ୍ସ କୋର୍ଟ ଫରୱାର୍ଡ କଲା ବୋଲି ପ୍ରଶ୍ନ ଉଠାଇଛନ୍ତି ତାଙ୍କ ସ୍ତ୍ରୀ ଯଶ୍ମିନ ସାମନ୍ତରାୟ। ସେହିପରି ଯଦି ପ୍ରଥମ ଶ୍ରେଣୀ ଅଫିସରଙ୍କ ପ୍ରତି ଏପରି ଅନ୍ୟାୟ ହେଉଛି ତାହାଲେ ସାଧାରଣ ଲୋକଙ୍କ କିପରି ଅବସ୍ଥା ହେଉଥିବ ବୋଲି ଅଭିଯୋଗ କରି ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସୂଚନା ଦେଇଛନ୍ତି ପତ୍ନୀ ଯଶ୍ମିନ। ସ୍ୱାମୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢେଇ କରିବେ ବୋଲି ସେ କହିଛନ୍ତି।

# ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୬।୪(ସ୍ୱ.ପ୍ର.)**

**ଦୁଇ ଦିନ ପରେ ଥିଲା ବିବାହ**

ଆଉ ଦୁଇ ଦିନ ପରେ ଥିଲା ବିବାହ। ଝିଅ ବାହାଘର ନେଇ ପରିବାର ଲୋକେ ବ୍ୟସ୍ତ ଥିବା ବେଳେ ଯୁବତୀ ଜଣକ ଆତ୍ମହତ୍ୟା କରିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା କାଠକୁରା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ମୃତା ଯୁବତୀ ଗ୍ରାମର କେଶବ ମାଝୀଙ୍କ ଝିଅ ବେଲମତୀ (୧୮) ବୋଲି ଜଣାପଡିଛି ।

ପ୍ରକାଶ ଯେ, ବେଲମତୀଙ୍କ ବିବାହ ଯେତିକି ପାଖେଇ ଆସୁଥିଲା ସେ ସେତିକି ମାନସିକ ଅସ୍ଥିରତା ମଧ୍ୟରେ ରହୁଥିଲେ। ବୁଧବାର ସକାଳେ କୌଣସି କାରଣ ଯୋଗୁ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଥୁଆମୂଳ ରାମପୁର ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିଥିଲା। ଏଥିସହ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ବିଜେଡିର ୱାର୍ଡ଼ କମିଟି ଗଠନ ପାଇଁ ପ୍ରସ୍ତୁତି

**କୋକସରା,୬।୪(ଡି.ଏନ.ଏ.)**

ଆଗକୁ ବିଧାନସଭା ନିର୍ବାଚନ ଆସୁଥିବା ବେଳେ କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ୱାର୍ଡ଼ କମିଟି ଗଠନ ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ବୁଧବାର କୋକସରା, ରେଙ୍ଗାଲପାଲି ଓ ମାଝୀଗୁଡା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସିଂଦେଓ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା ଯୋଗଦେଇ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବ୍ଲକ ସମ୍ପାଦକ ପଞ୍ଚକ ପୋଦ୍ଦ, ଯାଦବ ସମାଜ ସଭାପତି, ଧବଳେଶ୍ୱର ନାଗ, ଧନେଶ୍ୱର ଗୋପାଳଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆବେଦନକାରୀ


ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଲଳିତା।

**ଭବାନୀପାଟଣା,୬।୪(ସ୍ୱ.ପ୍ର.)**

**ଅଙ୍ଗନୱାଡି ନିଯୁକ୍ତିରେ ଜାଲ୍ ସାର୍ଟିଫିକେଟ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଟେଣ୍ଡୋପାଣି ଗ୍ରାମରେ ଗତ ୨୦୨୧ରେ ଅଙ୍ଗନୱାଡି ପଦବୀ ପାଇଁ ନିଯୁକ୍ତିରେ ଅନିୟମିତତା ହୋଇଥିବା ଜଣାପଡିଛି। ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। ଏ ନେଇ ସେତେବେଳେ ଅଙ୍ଗନୱାଡି ପଦବୀ ପାଇଁ ଆବେଦନ କରିଥିବା ଜଣେ ପାର୍ଥିନୀ ଗୁରୁବାର ଭବାନୀପାଟଣାସ୍ଥିତ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସେ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ଟେଣ୍ଡୋପାଣି ଗ୍ରାମରେ ଗତ ୨୦୨୧ରେ ଅଙ୍ଗନୱାଡି ପଦବୀ ପାଇଁ ନିଯୁକ୍ତି ହୋଇଥିଲା। ଏଥିରେ ସସ୍ମିତା ତାଣ୍ଡି ଓ ଲଳିତା ଧାରୁଆଙ୍କ ସହ ୬ ଜଣ ଆବେଦନ କରିଥିଲେ। ସମସ୍ତ ଯାଞ୍ଚ ପରେ ସସ୍ମିତା ତାଣ୍ଡି ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ନିଯୁକ୍ତ ହୋଇଥିଲେ। ପରେ ଲଳିତା ଧାରୁଆ ସୂଚନା ଅଧିକାର ଆଇନ ବଳରେ ଏହାର ତଥ୍ୟ ମାଗିଥିଲେ। ପରେ ଜାଣିବାକୁ ପାଇଲେ ଯେ ସସ୍ମିତାଙ୍କ ମାଟ୍ରିକ ସାର୍ଟିଫିକେଟରେ ଜାଲିଆତି ହେଇଛି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଦିଆ ଯାଇଥିବା ତଥ୍ୟରେ ମାଟ୍ରିକରେ ୩୮୫ ମାର୍କ ଥିବା ବେଳେ ବିଦ୍ୟାଳୟ ଓ ବୋର୍ଡରୁ ମିଳିଥିବା ତଥ୍ୟରେ ୨୮୫ ମାର୍କ ଅଛି। ଏ ନେଇ ଲଳିତା ଡିସେମ୍ବର ୨୦୨୧ରେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ନିଆ ଯାଇ ନ ଥିବା ପ୍ରକାଶ କରିଛନ୍ତି। ଫଳରେ ସେ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

# କେସିଙ୍ଗା ବ୍ଲକ: ପ୍ରାର୍ଥିପତ୍ର ଦାଖଲ ଶେଷ

**କେସିଙ୍ଗା,୬।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତ ରେ ୱାର୍ଡ ସଭ୍ୟା ସଭ୍ୟ ପଦ ଖାଲି ପଡିଛି । ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ୧୨ଟି ଗ୍ରାମ ପଞ୍ଚାୟତରେ ୱାର୍ଡ ସଭ୍ୟା ସଭ୍ୟଙ୍କ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଗତ ମଙ୍ଗଳବାର ୯ ଜଣ ସଭ୍ୟା ସଭ୍ୟ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଗୁରୁବାର ୧୬ଜଣ ପ୍ରାର୍ଥୀପତ୍ର ନିଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିବା ଜଣାପଡ଼ିଛି। କେସିଙ୍ଗା ବ୍ଲକର ଶିରୋଲ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୧,୧୧,୧୩, ଫଟକାମାଲ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୫, କସ୍ତୁପଡା ଗ୍ରାମ ପଞ୍ଚାୟତ ର ୧୦, ଲଇତରା ଗ୍ରାମ ପଞ୍ଚାୟତ ୱାର୍ଡ ନମ୍ବର ୬, ତୁର୍ଲାଖମାନ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୧,୪,୭, ଗାଇଗାଁ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୪, କାଣ୍ଡେଲ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୮, କନ୍ତେଶିର ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୪, କିକିଆ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୬,୭, ନାଶିଗା ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୧୧, ପାଷ୍ଟିକୁଡି ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୫ ଏହି ପରି ୧୨ଟି ଗ୍ରାମ ପଞ୍ଚାୟତର ୧୭ଟି ୱାର୍ଡ ସଭ୍ୟାସଭ୍ୟ ପଦବୀ ଖାଲି ପଡ଼ିଛି। କେତେକ ୱାର୍ଡରେ ଗତ ନିର୍ବାଚନରେ ୱାର୍ଡ ସଭ୍ୟାସଭ୍ୟ ପାଇଁ ଯୋଗ୍ୟ ପ୍ରାର୍ଥୀ ନ ଥିଲେ। ଅନ୍ୟ କେତେକ ୱାର୍ଡରେ ୱାର୍ଡ ମେମ୍ବରଙ୍କ ମୃତ୍ୟୁ ଘଟିଥିବାରୁ ପୁନଃ ନିର୍ବାଚନ ପାଇଁ ପ୍ରୟାସ ଚାଲିଛି। ଆସନ୍ତା ମେ ମାସ ୨ ତାରିଖରେ ନିର୍ବାଚନ ହେବାର ଜଣାପଡ଼ିଛି। ଏଥିପାଇଁ ୧୨ଜଣ ଶିକ୍ଷକଙ୍କୁ ଇଲେକ୍ସନ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି।

# ବଜ୍ରପାତରେ ଜଣେ ମୃତ: ଜଣେ ଗୁରୁତର

**କୋକସରା/ବେହେରା, ୬।୪(ଡି.ଏନ.ଏ.)**

**ବିଲରେ ଚାଷ କାମ କରୁଥିବା ବେଳେ ଅଘଟଣ**

କଳାହାଣ୍ଡି ଜିଲା କୋକସରା ଥାନା ଧଅଁରପୁର ପଞ୍ଚାୟତ ଆମ୍ବଗୁଡା ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଅପରାହ୍ନ ଗୋଟାଏ ସମୟରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ଚାଷ ଜମିକୁ କାମ କରିବାକୁ ଯାଇଥିବା ଧଅଁରପୁର ପଞ୍ଚାୟତ ଆମ୍ବଗୁଡା ଗ୍ରାମର ମହେନ୍ଦ୍ର ଧରୁଆଙ୍କ ପୁଅ ପ୍ରଦୀପ (୨୦)ଙ୍କ ବଜ୍ରପାତରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଗୁନୁ ମାଝୀଙ୍କ ପୁଅ ଯୋଗେଶ୍ୱର (୨୪) ଗୁରୁତର ଆହତ ହୋଇଥିଲେ। ଆହତ ଯୁବକଙ୍କୁ ପରିବାର ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠିଆଙ୍କ ଠାରୁ ଖବରପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଦୀପଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଛି। ଏନେଇ କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୩/୨୩ ରେ ରୁଜୁ କରି ତଦନ୍ତ ଚଳାଇଛି।

# ୧୬୦ କି.ମି.ଚାଲିକି ଗାଁକୁ ଆସିଲେ ଦାଦନ ଶ୍ରମିକ

**ଭବାନୀପାଟଣା,୬।୪(ସ୍ୱ.ପ୍ର.)**


ଗାଁକୁ ଚାଲି ଚାଲି ଆସିଥିବା ଶ୍ରମିକ।

■କଳାହାଣ୍ଡିରେ ଥମୁନି ଦାଦନ ଦୁଃଖ
■ଠିକାଦାରଙ୍କ ନିର୍ଯାତନା

କଳାହାଣ୍ଡି ଜିଲାରେ ଥମୁନି ଦାଦନ ଦୁଃଖ। ଜିଲାରେ ପୁଣି ଏକ ଅଭାବନୀୟ ଦୃଶ୍ୟ ସାମନାକୁ ଆସିଛି। କଳାହାଣ୍ଡି ଜିଲାରୁ ସୁଦୂର ବାଙ୍ଗାଲୁରକୁ ଦାଦନ ଖଟିବାକୁ ଯାଇ ସେଠାରେ ଠିକାଦାରଙ୍କ ଦ୍ୱାରା ନିର୍ଯାତିତ ହୋଇ କୌଣସି ପାଉଣା ନ ପାଇ ଶେଷରେ ଚାଲି ଚାଲି ଆସିବା ଘଟଣା ସମଗ୍ର ରାଜ୍ୟରେ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପେଟପାଟଣା ପାଇଁ ଗତ ୨ ମାସ ତଳେ କଳାହାଣ୍ଡିରୁ ବେଙ୍ଗ୍ଲୁରକୁ ଯାଇଥିଲେ ଜିଲାର ଜୟପାଟଣା ବ୍ଲକ ଅଧୀନ ଜାମଚୁଆ ଗାଁର ଭିକାରୀ ମାଝୀ, କାତାର ମାଝୀ ଓ ସୋମବାରୁ ମାଝୀ। ବାଲୁଗାଁର ଜଣେ ଠିକାଦାରଙ୍କ ସହାୟତାରେ ସେମାନେ କୁଲି କାମ କରିବାକୁ ଯାଇଥିଲେ ବେଙ୍ଗଲୁର। ବେଙ୍ଗ୍ଲୁରରେ ଠିକାଦାର ନିର୍ଯାତନା ଦେବା ସହିତ ମାରଧର କରିବାରୁ ଗତ ରବିବାର କମ୍ପାନୀରୁ ଲୁଚି କି ଗାଁ ଅଭିମୁଖେ ବାହାରିଥିଲେ ଉପରୋକ୍ତ ୩ ଶ୍ରମିକ। ତେବେ ପାଖରେ ଟଙ୍କା ନ ଥିବାରୁ ପ୍ରଥମେ ସେମାନେ ବାଙ୍ଗାଲୋରରୁ ଏକ ଟ୍ରେନ ରେ ବିନା ଟିକେଟରେ ବିଶାଖାପାଟଣା ପର୍ଯ୍ୟନ୍ତ ଆସିଥିଲେ। ପରେ ବିଶାଖାପାଟଣାରୁ କୋରାପୁଟ ଜିଲାର ପଟାଙ୍ଗୀ ୧୬୦ କିମି ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଆସିଥିଲେ। ସେଠାରୁ ଏକ ଟ୍ରକରେ ନବରଙ୍ଗପୁର ଆସି ସେଠାରୁ ଏକ ଟ୍ରାକ୍ଟର ଯୋଗେ ପୁଣି କଳାହାଣ୍ଡି ଜିଲା ନିଜ ଅଞ୍ଚଳକୁ ଆସିଥିବା ପ୍ରକାଶ କରିଛନ୍ତି। ଗାଁ ରେ ସେମାନେ ପହଞ୍ଚିବା ପରେ ସ୍ଥାନୀୟ ବ୍ଲକ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସେମାନଙ୍କ ଠାରୁ ସମସ୍ତ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ତେବେ ସେମାନେ କାମ କରିଥିବା ୨ ମାସର ପାଉଣା ପାଇ ନ ଥିବା ବେଳେ ସେହି ଟଙ୍କା ଫେରି ପାଇବା ପାଇଁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଯାନବାହନ ଯାଞ୍ଚ, ୯୧ହଜାର ଜରିମାନା ଆଦାୟ

ଡୁଙ୍ଗୁରିପାଲି,୬।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଜାତୀୟ ରାଜପଥର ଫଟାମୁଣ୍ଡା ଛକଠାରେ ଗୁରୁବାର ଜାତୀୟ ରାଜପଥର ଫଟାମୁଣ୍ଡା ଛକରେ ଯାନବାହନ ଯାଞ୍ଚ କରାଯାଇଥିଲା। ଜାତୀୟ ରାଜପଥ ଉପରେ ଯାତାୟାତ କରୁଥିବା ଦୁଇଚକିଆ, ଚାରିଚକିଆ ଯାନକୁ କଡ଼ାକଡ଼ି କରାଯାଇଥିଲା। ହେଲମେଟ ନ ପିନ୍ଧି ବାଇକ ଚଳାଇବା ପ୍ରତି ପରିବହନ ବିଭାଗ ତୀକ୍ଷଣ ଦୃଷ୍ଟି ରଖିଥିଲା। ରାସ୍ତାରେ ଯାଉଥିବା ୩ଟି ଚାରିଚକିଆ ଭାରିଯାନରୁ ପୃଥକ ଭାବେ ୩୫ ହଜାର, ୨୭ ହଜାର, ୨୯ ହଜାର ଏହିପରି ମୋଟ ୯୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଯାନବାହନ ଯାଞ୍ଚ ସମୟରେ ଜିଲା ଜୁନିୟର ଏମଭିଆଇ ଲୋକନାଥ ନାଏକ, ଟ୍ରାଫିକ ଇନ୍ସପେକ୍ଟର୍ ପୂଜା ଭେଙ୍ଗରା, ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ସହ ପରିବହନ ବିଭାଗର ଅଧିକାରୀମାନେ ସାମିଲ ଥିଲେ ।

### ବ୍ଲକସ୍ତରୀୟ କୁଲତା ଦିବସ ପାଳିତ

ଡୁଙ୍ଗୁରିପାଲି,୬।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ନିର୍ମାଣାଧୀନ ରାମେଶର ରାମଚଣ୍ଡୀ ମନ୍ଦିରରେ ଗୁରୁବାର ବ୍ଲକସ୍ତରୀୟ କୁଲତା ଦିବସ ପାଳିତ ହୋଇଯାଇଛି। ଜିଲା କୁଲତା ସମାଜ ଉପସଭାପତି ବଙ୍ଗାଳି ବିଶ୍ୱାଳ ସମାଜର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମନ୍ଦିର ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଉପସଭାପତି ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜର ସାମଗ୍ରିକ ଉନ୍ନତି କିପରି ହୋଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ସମସ୍ତ ଜାତି ଭାଇ ସହଯୋଗ କରିବାକୁ ସଭାରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କୁଲତା ସମାଜ ସଭାପତି ସଦାନନ୍ଦ ପଧାନ, ନାଦଲାଲ ନାୟକ, ଚନ୍ଦ୍ରମଣୀ ସାହୁ, ମକରଧ୍ୱଜ ବିଶ୍ୱାଳ, ମାଗି ବିଶାଳ, ଚୌବର୍ଗ ଭୋଇ, ଗୋପାଳ ବିଶ୍ୱାଳ, କୁବେର ନାଏକ, ପୂଜକ ଉଜ୍ୱଳ ଭୋଇ ଯୋଗଦାନ କରିଥିଲେ। ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁ ପାଇଁ ଦିନଟିଏ, ପୋଷଣ ଦିବସ ପାଳିତ

ଅମରପାଲି,୬।୪(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସମ୍ବନିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିନସ୍ଥ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟ ପରିସର ରେ ଶିଶୁ ପାଇଁ ଦିନଟିଏ ଏବଂ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ସେକ୍ଟର ସୁପରଭାଇଜର ଶ୍ରଦ୍ଧାଞ୍ଜଳୀ ପଣ୍ଡାଙ୍କ ପୌରୋହିତ୍ୟରେ ଉଫୁଲା ପଞ୍ଚାୟତର ସରପଞ୍ଚ ଶ୍ରୀୟା କର୍ମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହା ସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗର୍ଭବତୀ ପ୍ରସୁତି ମାଁ ଏବଂ ଶିଶୁ ମାନଙ୍କ ପାଇଁ ଥିବା ବିଭିନ୍ନ ମଙ୍ଗଳକାରୀ ଯୋଜନା ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ଏବଂ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବ ସେନେଇ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଉଫୁଲା ସେକ୍ଟରର ସମସ୍ତ ଅଙ୍ଗନଓ୍ୱାଡି କର୍ମୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗଦେଇଥିଲେ ।


ଦ୍ୱିତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।


କଳାଜୀବୀ ବରଗଡ କଳାକାରଙ୍କ ଡାଲଖାଇ ନୃତ୍ୟ।

# ଡାଲଖାଇରେ ସାଜ ପିନ୍ଧିଥିମା ସମ୍ବଲପୁରୀ

**ଲୋକମହୋତ୍ସବ ମାଲେଶ୍ରୀର ଦ୍ୱିତୀୟ ସନ୍ଧ୍ୟା**

ଅମରପାଲି,୬।୪(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା କଳା ଓ ସାଂସ୍କୃତିକ ମାନଚିତ୍ରରେ ବୀରମହାରାଜପୁର ଏକ ପ୍ରମୁଖ ସ୍ଥାନ। ଏ ଉପଖଣ୍ଡର କଳା ଓ କଳାକାର ବିଶ୍ୱରେ ନିଜ କଳାର ପାରଦର୍ଶୀତା ବଳରେ ଅଞ୍ଚଳକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ମାଲେଶ୍ରୀ ମଞ୍ଚ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ସୁଯୋଗ ଦେଉଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଆୟୋଜିତ ଉପଖଣ୍ଡସ୍ତରୀୟ ଅଷ୍ଟମ ଲୋକମହୋତ୍ସବ 'ମାଲେଶ୍ରୀ-୨୩'ର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ ନିଜ ବକ୍ତବ୍ୟରେ ଉକ୍ତ ମତ ପ୍ରଦାନ କରିଛନ୍ତି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଶ୍ରୀୟା କର୍ମୀ ଓ ଉଲୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଶୋକ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ଏଥିରେ ପୌରୋହିତ୍ୟ କରିଥିଲେ। ବରିଷ୍ଠ ସଦସ୍ୟ ଯୁଗଳ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଭାତ ଦାସ ଓ ସାଥୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିବାବେଳେ ବରିଷ୍ଠ ସଦସ୍ୟ ପ୍ରଦୀପ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ମୋନାଲିସା ନନ୍ଦଙ୍କ ଦ୍ୱାରା ପ୍ରଥମେ ମାଲେଶ୍ରୀ ବନ୍ଦନା ଗାନ କରାଯାଇଥିଲା। ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରୁ ଭୁବନେଶ୍ୱର ଲକ୍ଷ୍ୟ କଳା କେନ୍ଦ୍ର ଦ୍ୱାରା ଓଡ଼ିଶୀ ନୃତ୍ୟ, ତରଭା ରୁପଶ୍ରୀ କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ସୁନ୍ଦରଗଡ଼ର ମୟୁରୀ, ବରଗଡ କଳାଜୀବୀ ଅନୁଷ୍ଠାନର ଡାଲଖାଇ ନୃତ୍ୟ, କଦୋଦରର ଶବର-ଶବରାନି ଆଦି ନୃତ୍ୟ ପରିବେଷିତ ହୋଇଥିଲା। ବରଗଡ କଳାଜୀବୀ ଅନୁଷ୍ଠନ କଳାକାରଙ୍କ ଡାଲଖାଇରେ ଡାଲଖାଇ ସାଜ ପିନ୍ଧିଥିମା ସମ୍ବଲପୁରୀ...ନୃତ୍ୟ ପରିବେଷଣ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରଥିଲା। ପ୍ରୀତିମୟୀ ମିଶ୍ର, ଦେବଯାନୀ ମେଶୁଆ, ଅବିନାଶ ହୋତା ଓ ଲକ୍ଷ୍ମୀନାରାୟଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ କଣ୍ଠଶିଳ୍ପୀ ନାରାୟଣ ମହାକୁର 'ମାଁ ଗୋ ମୋର ଇଷ୍ଟଦେବୀ', ଉପେନ୍ଦ୍ର ନାଏକ 'ରେ ବାୟା ମନ', ଘନଶ୍ୟାମ ଲୁହା 'କେଭେ ଶୁଝିବ ବିହାର ଲଗନ', ଅମୃତାରାଣୀ ପଣ୍ଡା 'ନନୀର ଯାତ୍ରା ଦେଖାକେ' ଆଦି ଗୀତ ଗାଇଥିଲେ। ଏହା ଦେଖିବାକୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା।

## ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

ବୌଦ୍ଧ,୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ୪୪ତମ ପ୍ରତିଷ୍ଠା ଦିବସ ପାଳନ ସହିତ ସାମାଜିକ ନ୍ୟାୟ ସପ୍ତାହ ଗୁରୁବାର ପ୍ରଥମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ୧୦ଟି ମଣ୍ଡଳ ସହିତ ୭୬ ଶକ୍ତି କେନ୍ଦ୍ର ଓ ୪୧୧ ବୁଥରେ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍‌ଘାଟନି ଭାଷଣକୁ ସବୁସ୍ତରରେ ଶୁଣାଯାଇଥିଲା। ତାପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଦ୍ୱାରା ପ୍ରେରିତ ଭାଷଣକୁ ଶୁଣିଥିଲେ । ଦଳର କାର୍ଯ୍ୟକର୍ତ୍ତାଙ୍କ ଘରେ ଦଳୀୟ ପତାକା ଲଗାଯାଇଥିଲା। ଏହି ଅବସରରେ ଦଳ ପାଇଁ ୨୫ ବର୍ଷ ହେବ କାର୍ଯ୍ୟ କରିଥିବା ଭୀମସେନ ସାହୁ, ରମେଶ ଚନ୍ଦ୍ର ସାହୁ, ପତିତପାବନ ମଲ୍ଲିକ, ଅଚ୍ୟୁତ ମିଶ୍ର, କାଇଁଚ ପ୍ରଧାନ, ସୁବାସ ଚନ୍ଦ୍ର ମେହେରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଣାକଟକ ଠାରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ସମେତ ଦଳର ବରିଷ୍ଠ ନେତା କହ୍ନେଇଁ ଚରଣ ଡାଙ୍ଗ, ସୁଶାନ୍ତ ପ୍ରଧାନ, ମନୋରଞ୍ଜନ ଦାଶ, ଶିଶିର ଘୋଷ, ମାଗୁଣୀ ଗାଇଗୌରୀଆ, ଯୁଗଳ ସାହୁ, ତାପସ ପଟ୍ଟନାୟକ, ଶ୍ୟାମସୁନ୍ଦର ପୁରୋହିତ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ସୁଶାନ୍ତ ବାଘ ପ୍ରମୁଖ ଯୋଗଦେଇଥିଲେ।

# ମଞ୍ଚସ୍ଥ ହେଲା ନାଟକ ସେତୁବନ୍ଧ ପ୍ରତିଷ୍ଠା


ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରାର ସେତୁ ବନ୍ଧ ପ୍ରତିଷ୍ଠା ନାଟକର ଏକ ଦୃଶ୍ୟ।

**ବୌଦ୍ଧ ରାମଲୀଳାଯାତ୍ରାର ଅଷ୍ଟମ ଦିବସ**

ବୌଦ୍ଧ, ୬।୪(ସ୍ୱ.ପ୍ର.)

ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରାର ଗୁରୁବାର ଅଷ୍ଟମ ଦିବସ। ମଞ୍ଚସ୍ଥ ହୋଇଛି ନାଟକ ସେତୁବନ୍ଧ ପ୍ରତିଷ୍ଠା। ହନୁମାନଙ୍କ ଦ୍ୱାରା ଲଙ୍କାଦହନ ପରେ ସୀତାଙ୍କ ନିକଟରୁ ବାର୍ତ୍ତା ଓ ସନ୍ତକ ନେଇ ହନୁମାନ ଫେରିଆସି ଶ୍ରୀରାମଙ୍କୁ ସୀତାଙ୍କ ସୂଚନା ପ୍ରଦାନ କରିଛନ୍ତି। ସୀତାଙ୍କ ସମ୍ପର୍କରେ ସୂଚନା ମିଳିବା ପରେ ଶ୍ରୀରାମ, ଲକ୍ଷ୍ମଣ ଓ ସୁଗ୍ରୀବ ଅନ୍ୟାନ୍ୟ ବାନର ବୀରମାନଙ୍କ ସହିତ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ରାବଣର ବିଶାଳ ସେନା ସହିତ ଯୁଦ୍ଧ କରିବା ପାଇଁ ବାନର ସେନାଙ୍କୁ କିପରି ସମୁଦ୍ର ପାର କରାଯିବ ସେଥିପାଇଁ ସମୁଦ୍ର ଉପରେ ସେତୁ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସେତୁ ନିର୍ମାଣ ସରିବା ପରେ ତାହାକୁ ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଣ୍ଡର ମହାଜ୍ଞାନୀ ଭାବରେ ବିଶ୍ରବା ନନ୍ଦନ ରାବଣକୁ ଶ୍ରୀରାମଙ୍କ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ସୀତାଙ୍କୁ ସାଙ୍ଗରେ ନେଇ ରାବଣ ସେତୁବନ୍ଧ ପ୍ରତିଷ୍ଠା ପାଇଁ ପହଞ୍ଚିବା ପରେ ସେଠାରେ ଶିବଲିଙ୍ଗ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ସେତୁ ପ୍ରତିଷ୍ଠା କରାଯାଇଛି। ବ୍ରାହ୍ମଣର ଦକ୍ଷିଣା ସ୍ୱରୂପ ରାବଣ ଏକାନ୍ତରେ ଶ୍ରୀରାମଙ୍କ ନିକଟରେ ନିଜର ମୁକ୍ତି ପାଇଁ ନିବେଦନ କରିଛି ଏବଂ ସୀତାଙ୍କୁ ଫେରାଇ ନେବାକୁ ନିବେଦନ କରିଛି। କିନ୍ତୁ ଶ୍ରୀରାମ ତାକୁ ଅଗ୍ରାହ୍ୟ କରିଦେଇଛନ୍ତି। ସଂସାରର ଜଣେ ଶ୍ରେଷ୍ଠ ପଣ୍ଡିତ ଭାବରେ ସେତୁବନ୍ଧ ପ୍ରତିଷ୍ଠା କରି ରାବଣ ତାର କର୍ତ୍ତବ୍ୟ ପାଳନ କରିଥିବାବେଳେ ସେ ଯୁଦ୍ଧରେ ପରାସ୍ତ କରି ସୀତାଙ୍କୁ ଗ୍ରହଣ କରିବେ ବୋଲି ରାବଣକୁ ଜଣାଇଛନ୍ତି। ସୀତାଙ୍କୁ ନେଇ ରାବଣ ପୁଣି ଥରେ ଲଙ୍କା ନଗରିକୁ ଫେରିଯାଇଛି। ପୌରାଣିକ କଥାବସ୍ତୁକୁ ନେଇ ଶ୍ରୀରାମଲୀଳା ଯାତ୍ରାରେ କିଷ୍କିନ୍ଧ୍ୟା କାଣ୍ଡର ସମାପ୍ତି ହୋଇଥିବାବେଳେ ଆସନ୍ତାକାଲିଠାରୁ ଲଙ୍କାକାଣ୍ଡ ସହ ବାନର ସେନା ଓ ରାକ୍ଷାସ ସେନା ମଧ୍ୟରେ ଘୋର ଯୁଦ୍ଧ ଆରମ୍ଭ ହେବ ବୋଲି ଜଣାପଡିଛି। ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ଅଙ୍ଗଦ ଭୂମିକାରେ ଅମ୍ରିତ ପାତ୍ର, ବିଭୀଷଣ ପ୍ରମୋଦ ପ୍ରଧାନ ଓ ରାବଣ ସୁଦାମ ବେରିହା ପ୍ରମୁଖ ଉଚ୍ଚକୋଟିର ଅଭିନୟ କରିଥିଲେ।

## ଖବରଦାତା ସମ୍ମିଳନୀରେ ପୂର୍ବତନ ଏସିଏଫ୍ ସ୍ତ୍ରୀଙ୍କ ସୂଚନା

**ବେଲ୍ ଥାଇ ମଧ ଜେଲ ପଠାଇଥିବା ଅଭିଯୋଗ**

ଭବାନୀପାଟଣା,୬।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ ରେ ଆମ ଜଙ୍ଗଲ କ୍ୟାମ୍ପ ଯୋଜନାରେ ୨୦୧୫-୧୬, ୨୦୧୬-୨୦୧୭ ବର୍ଷରେ ଖେରାବାଣ୍ଡି, ନର୍ଲା ଓ ସର୍ଗିଗୁଡା ତିନିଟି ବିଟରେ ୧୪୫୦ ହେକ୍ଟର ଜଙ୍ଗଲରେ ବନୀକରଣ ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ବନ ଅଧିକାରୀମାନେ ୨୩ ଲକ୍ଷ ୬୩ ହଜାର ୯୪୦ ଟଙ୍କା ଆତ୍ମସାତ କରିଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା। ପରେ ଲୋକାୟୁକ୍ତ ଏହାର ତଦନ୍ତ ପାଇଁ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୂର୍ବତନ ଡିଏଫଓ, ପୂର୍ବତନ ଏସିଏଫ, ପୂର୍ବତନ ରେଞ୍ଜର, ପୂର୍ବତନ ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଭିଜିଲାନ୍ସ ବିଭାଗ। ତଦନ୍ତରେ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ସମସ୍ତଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର ହେବା ପାଇଁ ସମନ ହୋଇଥିଲା। ତେବେ ପୂର୍ବତନ ଏସିଏଫ ସୁଶାନ୍ତ କୁମାର ସାମନ୍ତରାୟଙ୍କ ପୂର୍ବରୁ ଜାମିନ ଥାଇ ମଧ୍ୟ କିପରି ଭାବରେ ତାଙ୍କୁ ଭିଜିଲାନ୍ସ କୋର୍ଟ ଫରଓ୍ୱାର୍ଡ କଲା ବୋଲି ପ୍ରଶ୍ନ ଉଠାଇଛନ୍ତି ତାଙ୍କ ସ୍ତ୍ରୀ ଯଶ୍ମିନ ସାମନ୍ତରାୟ। ସେହିପରି ଯଦି ପ୍ରଥମ ଶ୍ରେଣୀ ଅଫିସରଙ୍କ ପ୍ରତି ଏପରି ଅନ୍ୟାୟ ହେଉଛି ତାହାଲେ ସାଧାରଣ ଲୋକଙ୍କ କିପରି ଅବସ୍ଥା ହେଉଥିବ ବୋଲି ଅଭିଯୋଗ କରି ଗୁରୁବାର ସନ୍ଧ୍ୟାରେ ଭବାନୀପାଟଣା ସହରସ୍ଥିତ ଏକ ହୋଟେଲରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ସୂଚନା ଦେଇଛନ୍ତି ପତ୍ନୀ ଯଶ୍ମିନ। ସ୍ୱାମୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢେଇ କରିବେ ବୋଲି ସେ କହିଛନ୍ତି।

## ଇକୋ ପର୍ଯ୍ୟଟନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବୌଦ୍ଧ,୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପର୍ଯ୍ୟଟନର ଭିତ୍ତିଭୂମି ଦ୍ରୁତ ଗତିରେ ବିକଶିତ ହେବାରେ ଲାଗିଛି। ମର୍ଜାକୁଦକୁ ସେତୁ ନିର୍ମାଣ ପରେ ଏହାର ବିକାଶ ନେଇ ବୌଦ୍ଧବାସୀଙ୍କ ଆଖିଏ ସ୍ୱପ୍ନ ରହିଥିବାବେଳେ ପ୍ରସ୍ତାବିତ କୁଲାରୀକୁଦ ଇକୋ ପର୍ଯ୍ୟଟନ ଏଥିରେ ନୂଆ ଆଶା ସଞ୍ଚାର କରିଛି। ଗୁରୁବାର କୁଲାରୀକୁଦଠାରେ ଇକୋ ପର୍ଯ୍ୟଟନର ବିକାଶ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର,ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ,ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ଦାସ ପ୍ରମୁଖ ଯୋଗଦେଇଥିଲେ। କିଛିଦିନ ତଳେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର କୁଲାରୀକୁଦ ପରିଦର୍ଶନ କରିବା ପରେ ସେଠାରେ ଇକୋ ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବା ନେଇ ମନ୍ତ୍ରୀ ଅମାତ ଓ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସାହୁ କୁଲାରୀକୁଦ ପରିଦର୍ଶନ କରିବା ସହିତ ମନ୍ତ୍ରୀ ଅମାତଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ଓ ଏନଏସି ଅଧ୍ୟକ୍ଷ ମିଶ୍ର କୁଲାରୀକୁଦରେ ପହଞ୍ଚି ସେଠାରେ ରହିଥିବା ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ପରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କୁଲାରୀକୁଦ ପରିଦର୍ଶନ କରିବା ସହିତ ଏଠାରେ ଇକୋ ପର୍ଯ୍ୟଟନର ସୁଯୋଗ ରହିଥିବା ନେଇ ରିପୋର୍ଟ ପ୍ରଦାନ କରିଥିଲେ। ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ କୁଲାରୀକୁଦରେ ଇକୋ ପର୍ଯ୍ୟଟନ ବିକାଶ ପାଇଁ ପ୍ରାରମ୍ଭିକ ଭାବରେ ୧କୋଟି ୪୭ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇଦିଆଯାଇଥିବାବେଳେ ଜିଲା ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ଓ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀକୂଳର ସୁରକ୍ଷା ପାଇଁ ପଥର ପେଚିଂ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାଯାଇଛି। କୁଲାରୀକୁଦର ବିକାଶ ହେଲେ ଏହା ଜିଲାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ରହିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।


କୁଲାରିକୁଦରେ ଭିତ୍ତିପ୍ରସ୍ତର ସ୍ଥାପନ।

# ବୌଦ୍ଧରେ ବୟନିକା ମେଗା ଶୋରୁମ୍ ପାଇଁ ଶିଳାନ୍ୟାସ

ବୌଦ୍ଧ, ୬।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଆଦର୍ଶ କୃଷକ ବଜାରଠାରେ ସାପ୍ତାହିକ ବୁଣାକାର ବଜାର ଖୋଲାଯାଇ ଜିଲା ତଥା ରାଜ୍ୟର ଅଗଣିତ ବୁଣାକାରମାନଙ୍କ ପାଇଁ ବଜାର ଯୋଗାଇ ଦେବା ସହିତ ସେମାନଙ୍କ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବୁଣାକାର ବଜାର ଧିରେ ଧିରେ ଲୋକଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ହୋଇଥିବାବେଳେ ବୌଦ୍ଧରେ ପୁନର୍ବାର ବୟନିକା ପକ୍ଷରୁ ଏକ ବୟନିକା ମେଗା ସୋରୁମ ଖୋଲାଯିବାକୁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକସମ୍ପର୍କ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏହି ମେଗା ସୋରୁମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଓ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସୋ ରୁମ ସ୍ଥାପନ ଦ୍ୱାରା ଜିଲାବାସୀ ଉତ୍ତମମାନର ବୁଣାକାର ସାମଗ୍ରୀ ସୁଲଭ ମୂଲ୍ୟରେ ପାଇପାରିବେ। ଏବେ ବୟନିକା ସୋ ରୁମ ଖୋଲିବା ଦ୍ୱାରା ବୁଣାକାର ସାମଗ୍ରୀକୁ ନେଇ ବୌଦ୍ଧର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ବୌଦ୍ଧରୁ ପ୍ରକାଶ ଚନ୍ଦ୍ର ମେହେର ରାଜ୍ୟ ବୟନିକା ସଭାପତି ଭାବରେ ନିର୍ବାଚିତ ହେବାପରେ ଜିଲାବାସୀଙ୍କୁ ବୟନିକା ସୋ ରୁମ ଭାବରେ ଏହା ପ୍ରଥମ ଉପହାର ମିଳିଛି। ପ୍ରକାଶଙ୍କୁ ବୟନିକା ସଭାପତି ଭାବରେ ବିଜୟୀ କରାଇବାରେ ମନ୍ତ୍ରୀ ଅମାତଙ୍କ ଯେଉଁ ଉଦ୍ୟମ ରହିଥିଲା ତାହା ମଧ୍ୟ ସାକାର ହୋଇପାରିଛି। ଜିଲାରେ ଏହି ବୟନିକା ସୋ ରୁମ ଖୋଲିବା ପାଇଁ ଜିଲାପାଳ ସାହୁଙ୍କ ଉଦ୍ୟମ ମଧ୍ୟ ପ୍ରଶଂସନୀୟ। ପୂର୍ବରୁ ବୟନିକାରେ ପରିଚାଳନା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିସାରିଥିବା ଜିଲାପାଳ ସାହୁଙ୍କ ଅଭିଜ୍ଞତା ଯୋଗୁ ଜିଲାରେ ବୁଣାକାରମାନଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇପାରିଛି।


ବୟନିକା ମେଗା ଶୋରୁମ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

# ଉତ୍ତମ ଶିକ୍ଷା ସୁନାଗରିକ ତିଆରି କରେ

**ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ସୋନପୁର, ୬।୪(ନି.ପ୍ର )

ସୋନପୁର ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗଡ଼ତିଆ କହିଥିଲେ ଯେ, ଶିକ୍ଷା ସମାଜରେ ସଂସ୍କାର ଆଣେ। ଉତ୍ତମ ଶିକ୍ଷା ସୁନାଗରିକ ତିଆରି କରେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ଓ ମନୋରମା ମିଶ୍ର ତଥା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୁଦ୍ଧଦେବ ସା ଯୋଗଦେଇ ଜିଲାର ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କୃତ ଏହି ଏକମାତ୍ର ପ୍ରାଥମିକ ବିଦ୍ୟାଳୟର ନିରବଚ୍ଛିନ୍ନ ସଫଳତାର ଯାତ୍ରା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତାଭାବେ ବଡ ବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅମ୍ବୁଜ ବିହାରୀ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପଟାଭାଡି ପ୍ରାଥମିକ ବିଦ୍ୟାଳୟର ସୁଜାତା ମିଶ୍ର ସଭାରେ ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୁବାଷିନୀ ପୂଜାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହାକାରୀ ଶିକ୍ଷୟିତ୍ରୀ ଗୋଲାପ ମଞ୍ଜରୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**୭ ଫେରାର ଅଭିଯୁକ୍ତ ଗିରଫ**

ବେଲପାହାଡ଼ (ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଓ ବନହରପାଲି ଥାନା ଅଞ୍ଚଳରୁ ୭ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ବେଲପାହାଡ଼ ପୋଲିସ ଦୁଇଟି ଆପରାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଜୁନାଡିହିର ବୀରେନ୍ଦ୍ର ଧାଙ୍ଗୁ (୨୮) ଓ ଜାହାଜପ ଶ୍ରବଣ ଭରାସାଗର (୨୩)ଙ୍କୁ ଗିରଫ କରି କରିଛି । ସେହିପରି ବନହରପାଲି ପୋଲିସ ପୃଥକ୍ ୫ଟି ଆପରାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ନୂଆଁ ତିଲିଆର ନିରଞ୍ଜନ ବାଗ, ଭଗବାନପାଲିର ସହଦେବ ପ୍ରଧାନ, ଝାରମୁଣ୍ଡାର ସଂକୀର୍ତ୍ତନ କୁଅଁର, ସହାଜବାହାଲର ନିଳାମ୍ବର ବଗାର ଓ କିରାରମାର ସୁଗ ମୁଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଛାତ୍ରଙ୍କ କାନମୋଡି ଲହୁଲୁହାଣ କଲେ ପ୍ରଧାନ ଶିକ୍ଷକ

ଦେବଗଡ଼, ୬।୪(ଡି.ଏନ୍.ଏ.): ସରକାର ଶିକ୍ଷାନୁଷ୍ଠାନମାନଙ୍କୁ ଦଣ୍ଡମୁକ୍ତ ପରିସର ଘୋଷଣା କରିଥିବାବେଳେ ସୁନାମୁଣ୍ଡା ସ୍ଥିତ ଦେବଗଡ ଚିନ୍ମୟ ବିଦ୍ୟାଳୟରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଶ୍ରେଣୀ କୋଠରୀ ମଧ୍ୟରେ ଦଣ୍ଡଦେବାକୁ ଯାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କ କାନ ମୋଡି ଲହୁଲୁହାଣ କରିବା ଘଟଣା ଦେବଗଡ ସହରରେ ଗୁରୁବାର ଚର୍ଚ୍ଚାର ବିଷୟ ହୋଇଛି। ଖବର ମୁତାବକ ଉକ୍ତ ବିଦ୍ୟାଳୟର ଦଶମ ଶ୍ରେଣୀର ଜଣେ ଛାତ୍ରଙ୍କୁ କୌଣସି କାରଣରୁ ଦଣ୍ଡ ଦେବାକୁ ଯାଇ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଠାକୁର ଛାତ୍ରଙ୍କର କାନ ମୋଡି ଲହୁଲୁହାଣ କରି ଦେଇଥିଲେ । ଛାତ୍ର ଜଣକ ଘରକୁ ଆସି ଏକଥା ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣାଟି ପ୍ରଘଟ ହୋଇଥିଲା। ସେହିପରି ଏନେଇ ଛାତ୍ରୀଛାତ୍ର ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ପ୍ରଧାନ ଶିକ୍ଷକଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ଭୟରେ ପ୍ରଧାନ ଶିକ୍ଷକ ଠାକୁର ସମ୍ପୃକ୍ତ ଛାତ୍ରଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ଘଟଣାର ଆପୋଷ ବୁଝାମଣା କରିବାକୁ ଉଦ୍ୟମ କରୁଥିବା ଜଣାପଡିଛି। ତେବେ ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ବିଭାଗ ଏନେଇ କି ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ ଠାକୁରଙ୍କ ମତାମତ ଲୋଡିବାରୁ ସେ ରାଗରେ କାନ ମୋଡି ଦେବାରୁ ସାମାନ୍ୟ କ୍ଷତ ସୃଷ୍ଟି ହୋଇଥିବା ଏବଂ ଏହି ଭୂଲ ପାଇଁ ସେ ସମ୍ପୃକ୍ତ ଛାତ୍ରଙ୍କ ପରିବାର ଲୋକଙ୍କୁ କ୍ଷମା ପ୍ରାର୍ଥନା କରିଥିବା ପ୍ରକାଶ କରିଛନ୍ତି।

### ପୋଲିସ କବଜାରେ ବାଇକ୍ ଚୋର

ଦେବଗଡ଼, ୬।୪(ଡି.ଏନ୍.ଏ.): ଦେବଗଡ଼ ଥାନାଞ୍ଚଳରେ ବାଇକ୍ ଚୋରି ଦିନକୁ ଦିନ ବଢୁଥିବାବେଳେ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ କିଛି ଯୁବକ କାବୁ କରି ଦେବଗଡ଼ ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତ ଜଣକ ହେଲେ ରିଆମାଳ ଥାନା ସୁନାରିପଡ଼ା ଗ୍ରାମର ଦିବ୍ୟାଲୋକ ପ୍ରଧାନ। ଖବର ମୁତାବକ, ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ବଜାର ବଣିଆସାହିରେ ଥିବା ପ୍ରିଣ୍ଟିଂ ଦୋକାନ ସମ୍ମୁଖରୁ ଦୋକାନ ମାଲିକ ମନୋରଞ୍ଜନ ନାୟକଙ୍କ ଏକ ବାଇକକୁ ଦିବ୍ୟାଲୋକ ଚୋରି କରି ନେଇ ଯାଉଥିବାବେଳେ ପ୍ରଧାନପାଟ ନିକଟରୁ କେତେକ ସ୍ଥାନୀୟ ଯୁବକ କାବୁ କରି ପୋଲିସ ଜିମା ଦେଇଥିଲେ। ବୁଧବାର ସନ୍ଧ୍ୟାରେ ମଧ ସମ୍ପୃକ୍ତ ଅଭିଯୁକ୍ତ ସହର ମଧ୍ୟରୁ ଗୋଟିଏ ବାଇକ ଚୋରି କରିଥିବାବେଳେ ଗୁରୁବାର ପୁଣିଥରେ ଆଉ ଏକ ବାଇକ ଚୋରି କରି ସ୍ଥାନୀୟ ଯୁବକଙ୍କ ହାତରେ ଧରା ପଡ଼ିଥିଲେ। ପୂର୍ବରୁ ମଧ ଦିବ୍ୟାଲୋକ ଚୋରି ଅଭିଯୋଗରେ ୩ଥର ଗିରଫ ହୋଇ ଜାମିନରେ ଜେଲରୁ ମୁକୁଳିଥିବା ଦେବଗଡ଼ ଥାନା ପୋଲିସ ସୂଚନା ଦେଇଛି ।

# ସୁନ୍ଦରଗଡ଼ରେ ପ୍ରାକୃତିକ ପଦ୍ଧତିରେ ଚାଷ

- ଲାଭବାନ ହେଉଛନ୍ତି ଆଦିବାସୀ ବର୍ଗର ଚାଷୀ
- ପ୍ରାକୃତିକ ଉପାୟରେ ପ୍ରସ୍ତୁତ ସାର ବ୍ୟବହାର

ସୁନ୍ଦରଗଡ଼, ୬।୪(ଡି.ଏନ.ଏ.)



ପ୍ରାକୃତିକ ସାର ପ୍ରସ୍ତୁତି ଚାଲିଛି। ଜଣେ ମହିଳା ଚାଷୀ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ସାର ବ୍ୟବହାର କରୁଛନ୍ତି।

ପରିବେଶ ଅନୁକୂଳ କୃଷି ଏବଂ ରାସାୟନିକ ସାର ମୁକ୍ତ ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି ବର୍ତ୍ତମାନ ସମୟର ବଡ଼ ଆବଶ୍ୟକତା। ତେଣୁ ଏହାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ନାଚୁରାଲ ଫାର୍ମିଂ ବା ପ୍ରାକୃତିକ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଚାଷ କରିବା ଫଳରେ ଆଦିବାସୀ ବର୍ଗର ଚାଷୀମାନେ ବିଶେଷ ଲାଭବାନ ହେଉଛନ୍ତି। ୨୦୨୨-୨୩ ବର୍ଷରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ତେଲିଘଣା ଗାଁରେ ଏହି ପ୍ରାକୃତିକ ଚାଷ ପାଇଲଟ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରାଯାଇଥିଲା। ଏହି ଚାଷରେ ଆଦିବାସୀ ବର୍ଗର ଚାଷୀଙ୍କୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଲାଗି ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର ଚାଷ କ୍ଷେତ୍ରରେ ରାସାୟନିକ ସାର ବ୍ୟବହାରକୁ ନିୟନ୍ତ୍ରଣ ଲାଗି ପ୍ରାକୃତିକ ପଦ୍ଧତି ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଏଥିପ୍ରତି ଚାଷୀମାନେ ବିଶେଷ ଆଗ୍ରହ ଦେଖାଉଛନ୍ତି। ପ୍ରାକୃତିକ ପଦ୍ଧତିରେ ହେଉଥିବା ଫସଲର ଚାହିଦା ମଧ୍ୟ ବଜାରରେ ଭଲ ରହୁଛି। ପାଇଲଟ ଭାବେ ତେଲିଘଣାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ କହିଛନ୍ତି। ରାସାୟନିକ ସାରର ବହୁଳ ବ୍ୟବହାର ଯୋଗୁ ଚାଷ ଜମିର ଉର୍ବରତା ହ୍ରାସ ପାଉଛି। ତା'ଛଡ଼ା ପରିବେଶ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି। ଏ ସମ୍ପର୍କରେ ଆଦିବାସୀ ବର୍ଗର ଚାଷୀଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଇ ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ପ୍ରାକୃତିକ ପଦ୍ଧତିରେ ଚାଷ କରିବା ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେଲିଘଣା ଗାଁର ୫୫ ଜଣ ଚାଷୀ ପ୍ରାକୃତିକ ପଦ୍ଧତିରେ ଚାଷ କରିଥିଲେ। ୮୦ ଏକର ଜମିରେ ସେମାନେ ଧାନ ଓ ଚିନାବାଦାମ ଚାଷ କରିଥିଲେ। ଏଥିପାଇଁ ଚାଷୀମାନଙ୍କୁ ମାଗଣାରେ ଦେଶୀ କିସମର ବିହନ ଯୋଗାଇ ଦିଆଯାଇଥିଲା। ଏହି ଚାଷରେ ଚାଷୀମାନେ ପ୍ରାକୃତିକ ଉପାୟରେ ନିଜେ ସାର ପ୍ରସ୍ତୁତ କରି ବ୍ୟବହାର କରିଥିଲେ। ଏଥିପାଇଁ ଆଇଟିଡିଏ ପକ୍ଷରୁ ସେମାନଙ୍କୁ ତାଲିମ ଦିଆଯାଇଥିଲା। ପ୍ରାକୃତିକ ପଦ୍ଧତିରେ ଚାଷରେ ଜୀବାମୃତ, ଘନ ଜୀବାମୃତ, ଦଶପର୍ଣ୍ଣି ଅର୍କ, ବ୍ରହ୍ମାସ୍ତ୍ର, ନିମାସ୍ତ୍ର ଏବଂ ବୀଜାମୃତ ଆଦି ବ୍ୟବହାର କରାଯାଉଛି। ଚାଷୀମାନେ ଗୃହପାଳିତ ଦେଶୀ ଗାଈଗୋରୁଙ୍କ ମଳମୂତ୍ର ସହିତ ଗୁଡ଼ ଏବଂ ବେସନ ଆଦି ମିଶ୍ରଣ କରି ଏହି ସାର ପ୍ରସ୍ତୁତ କରୁଛନ୍ତି।

ଆଗରୁ ଆମେ ଚାଷ କାମରେ ରାସାୟନିକ ସାର ବ୍ୟବହାର କରୁଥିଲୁ। ହେଲେ ସୁନ୍ଦରଗଡ଼ ଆଇଟିଡ଼ିଏର ଅଧିକାରୀମାନେ ଆସି ଆମକୁ ପ୍ରାକୃତିକ ପଦ୍ଧତି ଚାଷ ଉପରେ ବୁଝାଇଥିଲେ। ଆମେ ଏ ଦିଗରେ ଆଗ୍ରହ ଦେଖାଇ ଧାନ ଓ ବାଦାମ ଚାଷ କଲୁ। ଭଲ ଅମଳ ମଧ୍ୟ ହେଲା ବୋଲି କହନ୍ତି ତେଲିଘଣା ଗାଁର ଜଣେ ଚାଷୀ ଏମାନ ବୁଡ଼। ରାସାୟନିକ ସାର କିଣିବାରେ ଆମର ଅଧିକ ଟଙ୍କା ଖର୍ଚ୍ଚ ହେଉଥିଲା। ଏବେ ପ୍ରାକୃତିକ ପଦ୍ଧତିରେ ଚାଷ କରିବା ଫଳରେ ଆମର କମ ଖର୍ଚ୍ଚ ହେଉଛି। ଧାନ ଓ ବାଦାମ ସହିତ ଆମେ ପନିପରିବା ଚାଷରେ ମଧ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ସାର ପ୍ରୟୋଗ କରୁଛୁ ବୋଲି କହନ୍ତି ଜଣେ ମହିଳା ଚାଷୀ ବିମଳା ବାର୍ଲା। ତେଲିଘଣାରେ ପ୍ରାକୃତିକ ପଦ୍ଧତିରେ ଚାଷ ଆରମ୍ଭ ହେବା ପୂର୍ବରୁ ଆଇଟିଡିଏର ଅଧିକାରୀମାନେ ଚାଷ ଜମି ବୁଲି ଦେଖିଥିଲେ। ଏହାପରେ ଚାଷୀମାନେ ଦେଶୀ ଧାନ ଏବଂ ବାଦାମ ଚାଷ ଲାଗି ଜମି ପ୍ରସ୍ତୁତ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏଥିପାଇଁ ମଜୁରୀ ସହାୟତା ଦିଆଯାଉଛି। ଚାଷୀ ଚିହ୍ନଟ ସହିତ କ୍ଷେତ୍ରସ୍ତରରେ ଏହି କାର୍ଯ୍ୟକ୍ରମର ପରିଚାଳନା ଲାଗି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକକୁ ଦାୟିତ୍ୱ ଦିଆଯାଇଛି।

## ଖଡକୁରବାହାଲରେ ପଥରମାଡ: ୨ଆହତ

### ୧ ପ୍ଲାଟୁନ ପୋଲିସ ମୁତୟନ

କୁତ୍ରା, ୬।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖଡକୁରବାହାଲଠାରେ ଅବସ୍ଥିତ ଜେଏସଡବ୍ଲ୍ୟୁ ଚୂନପଥର ଖଣିରେ ଗୁରୁବାର ଲୋଡିଙ୍ଗ ଟୋକନକୁ ନେଇ ଗାଡି ଆଗପଛ ଲୋଡିଙ୍ଗ ହେବାରୁ ତୁମୁଳକାଣ୍ଡ ଘଟି ୨ ଜଣ ଆହତ ହୋଇଛନ୍ତି। ଘଟଣାରୁ ଜଣାପଡିଛି ଯେ ଲୋଡିଙ୍ଗକୁ ନେଇ ଗୁରୁବାର ଦିନବେଳା କିଛି ସମୟ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଶାନ୍ତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟ ସନ୍ଧ୍ୟାରେ ଏହା ଉଗ୍ର ରୂପ ନେଇଥିଲା। ସନ୍ଧ୍ୟାରେ ଗ୍ରାମର ଏମ୍‌ଡି ସାନୁଲାଙ୍କ ଘରେ ପଥର ମାଡ ହେବା ସହିତ ପଥର ମାଡରେ ୨ଜଣ ଆହତ ହୋଇଥିବା ଜଣାପଡିଛି। ପୋଲିସ ଘଟଣା ସମ୍ପର୍କରେ ଖବର ପାଇ ପହଞ୍ଚିଥିଲା। ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହିତ ରାଜଗାଙ୍ଗପୁର ଏସ୍‌ଡିପିଓ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ତେବେ ଏହାକୁ ନେଇ ରାତ୍ରି ୯ଟା ୩୦ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ମାମଲା ମଧ୍ୟ ରୁଜୁ କରିନାହିଁ। ପ୍ରକାଶ ଥାଉକି ଖଣିକୁ ନେଇ ଏହା ପୂର୍ବରୁ ମଧ୍ୟ ଏଭଳି ଗଣ୍ଡଗୋଳ ହୋଇଛି। ଏଥିପ୍ରତି ପୋଲିସ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି ହେଉଛି।

# ସମାଜରୁ କୁପୋଷଣକୁ ସମ୍ପୂର୍ଣ୍ଣ ନିପାତ କରାଯାଉ

**ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଯାପିତ**

ସୁନ୍ଦରଗଡ଼, ୬।୪(ଡି.ଏନ.ଏ.)


ପୋଷଣ ପକ୍ଷ ଉଦ୍‌ଯାପନୀରେ ଉପସ୍ଥିତ ଅତିଥି।

ମାର୍ଚ୍ଚ ୨୦ରୁ ୧୫ ଦିନ ଧରି ଜିଲାରେ ପାଳନ କରାଯାଉଥିବା ପୋଷଣ ପକ୍ଷ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାସିନୀ ଚକ୍ର ଜିଲାରେ ଅତି ଉତ୍ତମ ଭାବେ ପୋଷଣ ପକ୍ଷ ପାଳିତ ହୋଇଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରୁ କୁପୋଷଣକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବା ତଥା ବିଶେଷ ଭାବେ ମା' ଓ ଶିଶୁଙ୍କର ପୋଷଣ ନିମନ୍ତେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଅଭିହିତ କରିଥିଲେ। ସେହିପରି ସମସ୍ତେ ସୁସ୍ଥ ଖାଦ୍ୟ ପାନୀୟ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀପ୍ରିୟା ପ୍ରଧାନ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ତଥା ଏହି ପକ୍ଷ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ସନ୍ତୁଳିତ ଖାଦ୍ୟ ପାନୀୟ ଅଭ୍ୟାସ ଏବଂ ଓରଗାନିକ ଖାଦ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସଂଯୋଜିକା ମୀନାକ୍ଷୀ ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। ମିଶନ ଶକ୍ତି ଜିଲା ସଂଯୋଜିକା ସୁଶୀଳା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ମା' ସାରଦା ପାଲା ଦଳ ଦ୍ୱାରା ପାଲା ମାଧ୍ୟମରେ ପୋଷଣ ଖାଦ୍ୟପେୟ ଅଭ୍ୟାସ ତଥା ମିଲେଟ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସବ୍‌ଡେଗା ସିଡିପିଓ ସନ୍ଧ୍ୟାରାଣୀ ନାୟକଙ୍କୁ ଶ୍ରେଷ୍ଠ ସିଡିପିଓ, ବଡ଼ଗାଁ ଏଲଏସ୍ ସୁନିତା ପୁରୋହିତ, ହେମଗିରର ଅଙ୍ଗନୱାଡ଼ି କର୍ମୀ ମୀନତି ଅଢା, ବାଲିଶଙ୍କରା ଅଙ୍ଗନୱାଡ଼ିର ଲକ୍ଷ୍ମୀ ଗୁରୁଙ୍କୁ ଶ୍ରେଷ୍ଠ ସହାୟିକା ଏବଂ ଭବାନୀପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ଶ୍ରେଷ୍ଠ କେନ୍ଦ୍ର ଭାବେ ପୁରସ୍କୃତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ,ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏନ୍‌ଓପି ପରିଚାଳକ ଶକ୍ତିରାଣୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାକିରି ଦେବା ନାଁରେ ଠକେଇ ଅଭିଯୋଗ

- ସୁନ୍ଦରଗଡ଼ ମେଡ଼ିକାଲ କଲେଜରେ ଚାକିରି କରେଇ ଦେବା ନାଁରେ ଠକେଇ
- ଓଡ଼ିଶା ସରକାରଙ୍କ ଲୋଗୋ ବ୍ୟବହାର କରି ଜାଲ ନିଯୁକ୍ତି ପତ୍ର ପ୍ରଦାନ

ସୁନ୍ଦରଗଡ଼,୬।୪(ଡି.ଏନ୍.ଏ.)

ନୂତନ ଭାବେ ଆରମ୍ଭ ହୋଇଥିବା ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ବିଭିନ୍ନ ପଦବୀରେ ଚାକିରି କରାଇଦେବା ନାଁରେ ଠକେଇ ଅଭିଯୋଗ ହୋଇଛି। ମେଡିକାଲ କଲେଜ ଡିନଙ୍କ ଜାଲ ଦସ୍ତଖତରେ ମେଡିକାଲ କଲେଜର ଲେଟର ପ୍ୟାଡରେ ଓଡ଼ିଶା ସରକାରଙ୍କ ଲୋଗୋ ବ୍ୟବହାର କରି ନିଯୁକ୍ତିପତ୍ର ଜାଲ୍ କରି ପ୍ରଦାନ କରାଯାଇଛି। ଚାକିରୀ ଆଶାୟୀ ଯୁବତୀଯୁବକ ଠକେଇର ଶୀକାର ହେବା ପରେ ଏବେ ସେମାନେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଠକେଇର ଶୀକାର ହୋଇଥିବା ସଦର ଥାନା ବନ୍ଧପାଲି ଗ୍ରାମର ଜଣେ ଯୁବକ ଜୟନ୍ତ ଚାନ୍ଦ ସୁନ୍ଦରଗଡ଼ ଟାଉନଥାନାରେ ଗୁରୁବାର ସନ୍ଧ୍ୟାରେ ରିପୋର୍ଟ କରିଛନ୍ତି। ସୁଶାନ୍ତ ମାଝି, ରଣା ବାବୁ ଓ ଚୈତନ୍ୟ ନାମରେ ୩ଜଣ ବ୍ୟକ୍ତି ସୁନ୍ଦରଗଡ ମେଡ଼ିକାଲ କଲେଜରେ କାର୍ଯ୍ୟ କରୁଥିବା କହି ତାଙ୍କୁ ରିସେପସନିଷ୍ଟ ଚାକିରୀ ପାଇଁ ତାଙ୍କ ଠାରୁ ୪୦ ହଜାର ଟଙ୍କା ଠକି ନେଇଛନ୍ତି। ଏଥିସହ ତାଙ୍କର ଭଉଣୀଙ୍କଠାରୁ ୮୦ହଜାର ଟଙ୍କା ନେଇଛନ୍ତି। ସେହିଭଳି ମମତା ସମର୍ଥା, ତରୁଲତା କାଲୋ ଓ ନୋବେଲ ବୁଡାଙ୍କ ଠାରୁ ମଧ ଅନୁରୂପ ଭାବେ ଏଭଳି ଟଙ୍କା ଠକି ନେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି। ରିପୋର୍ଟ ପରେ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ଏକ ଠକେଇ ମାମଲା (ନଂ.୯୧/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି। ଏଥିରେ ଏକ ରାକେଟ କାର୍ଯ୍ୟ କରୁଥିବା ଜଣାପଡିଛି। ଏ ସମ୍ପର୍କରେ କଲେଜଅଧ୍ୟକ୍ଷ ତଥା ଡିନପ୍ରଫେସରଡାକ୍ତର ଦୈତାରୀ ରାଉତରାୟ କହିଛନ୍ତି, ଏଠାରେ ଯାହା ବି ନିଯୁକ୍ତି ହୁଏ ରାଜ୍ୟ ସରକାର କରିଥାନ୍ତି। କଲେଜ ତରଫରୁ କୌଣସି ନିଯୁକ୍ତି ଦିଆଯାଇ ନାହିଁ। ଠକେଇର ଶିକାର ଆଶାୟୀମାନେ ଅଭିଯୋଗ କରିଛନ୍ତି ଯେ, ଏହି ରାକେଟରେ କିଞ୍ଜିରିକେଲା ଅଞ୍ଚଳର ଜଣେ ସ୍କୁଲ ଶିକ୍ଷକ ମଧ୍ୟ ସମ୍ପୃକ୍ତ ରହିଛନ୍ତି। ସେ ଚାକିରି କରୁଥିବା କିଞ୍ଜିରିକେଲା ଥାନା କାଂକେରଜୁରା, ରାଇଡିହି ଏବଂ କୁରେଇ ଗ୍ରାମର ଯୁବକ ଯୁବତୀଙ୍କୁ ଚାକିରି ପାଇଁ ପଦବୀ ଖାଲିଅଛି, ଆବେଦନ କରିବା ପାଇଁ ପ୍ରବର୍ତ୍ତାଇ ତାଙ୍କଠାରୁ ଟଙ୍କା ଆଦାୟ କରିଥିବା ଆଶାୟୀଙ୍କ ବାପା ଅଭିଯୋଗ କରିଥିବା ବେଳେ ଶିକ୍ଷକ ଜଣକ କିଛି ଜାଣି ନ ଥିବା କହିଛନ୍ତି।

# ମୋ ବସ୍ -ରାଜଗାଙ୍ଗପୁର ବସ୍ ମାଲିକ ସଂଘ ବିବାଦ

**ଉଚ୍ଚ ସ୍ତରୀୟ ବୈଠକ ପରେ ଶୁକ୍ରବାରଠାରୁ ବସଷ୍ଟାଣ୍ଡରେ ପଶିବ ମୋ ବସ**

ରାଜଗାଙ୍ଗପୁର, ୬।୪(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ମୋ ବସ ଓ ରାଜଗାଙ୍ଗପୁର ବସ ମାଲିକ ସଂଘ ମଧ୍ୟରେ ବିବାଦ ଲାଗିରହିଛି। ସରକାରଙ୍କ ତରଫରୁ ମୋ ବସ ସେବା ରାଜଗାଙ୍ଗପୁରରେ ଆରମ୍ଭ ହେବା ଦିନ ଠାରୁ ରାଜଗାଙ୍ଗପୁର ବସ ମାଲିକ ସଂଘ ମୋ ବସକୁ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରାଇଦେଉ ନ ଥିଲେ। ତେଣୁ ଏକ ବିବାଦ ଲାଗି ରହିଥିଲା ଏବଂ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖିନ ହେଉଥିଲେ। ଗୁରୁବାର ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥି ସରାବୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ରାଜଗାଙ୍ଗପୁର ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁନ୍ଦରଗଡ ଜିଲା ଆରଟିଓ ତଥା ରାଉରକେଲା ଆରଟିଓ,ରାଜଗାଙ୍ଗପୁର ବସ ମାଲିକ ସଂଘ ସଭାପତି ସୋଏବ ଆଲମ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଉପଜିଲାପାଳ ଏହି ବୈଠକରେ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବା ୫ ଟି ଷ୍ଟେଟ ଟ୍ରାନ୍ସପୋର୍ଟ ବସକୁ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରାଇଦେବା ପାଇଁ କହିଥିଲେ। କିନ୍ତୁ ବସ ମାଲିକ ସଂଘ ସରକାରଙ୍କର ଏହା ଏକ ଭୁଲ ନିଷ୍ପତ୍ତି ହୋଇଛି ବୋଲି କହିଥିଲେ। ବିଭିନ୍ନ ଆଲୋଚନା ପରେ ଶେଷରେ ରାଜଗାଙ୍ଗପୁର ବସ ମାଲିକ ସଂଘ ଶୁକ୍ରବାରଠାରୁ ଏହି ୫ ଟି ମୋ ବସକୁ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରାଇବା ପାଇଁ ସହମତି ପ୍ରକାଶ କରିଥିଲେ।

## ଗଛରୁ ଝୁଲନ୍ତା ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଜବତ

ହେମଗିର,୬।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ କାଠଫାଲି ଜଙ୍ଗଲରୁ ପୋଲିସ କେନ୍ଦୁଗଛରୁ ଝୁଲନ୍ତା ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ହେଲେ କାଠଫାଲି ଗ୍ରାମର ଡୁଡୁରିପଡ଼ାର ରବି ମାଝି (୬୦)। ଗୁରୁବାର ସକାଳେ ଏକ କେନ୍ଦୁଗଛରେ ରବିଙ୍କ ମୃତଦେହ ରଶରେ ଝୁଲୁଥିବା ଦେଖି ଲୋକେ ହେମଗିର ପୋଲିସକୁ ଖବର ଦେଇଥିଲେ। ହେମଗିର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## 'ମୋ ପିଲା ସ୍କୁଲ ଯିବ' ଅଭିଯାନ ଶୁଭାରମ୍ଭ

ରିଆମାଳ,୬।୪ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମାରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ଉପସ୍ଥାନ ପାଇଁ ମୋ ପିଲା ସ୍କୁଲ ଯିବ ଏବଂ ଶତପ୍ରତିଶତ ବାଳିକା ସୁରକ୍ଷା ନିମନ୍ତେ ସୁରକ୍ଷା କବଚ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଏବଂ ବ୍ଲକ ଶିକ୍ଷାଧିକାରୀ ତଥା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିନୋଦ ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବ୍ଲକର ଅନେକ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ରିଆମାଳ ସଦର ମହକୁମାରେ ପରିକ୍ରମା କରି ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମସ୍ତେ ଏକତ୍ରିତ ହୋଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ବିନୋଦ ସିଂ ଜନସଚେତନତା ଉପରେ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଇଓ ଉମାକାନ୍ତ ପ୍ରଧାନ, ସମସ୍ତ ସିଆରସିସି ଏବଂ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ମୋ ପିଲା ସ୍କୁଲ ଯିବ କାର୍ଯ୍ୟକ୍ରମ ଶୁଭାରମ୍ଭରେ ଅତିଥି ଓ ପିଲାମାନେ।

# ରେଳ ଓଭରବ୍ରିଜ ପ୍ରକଳ୍ପର ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

ରାଜଗାଙ୍ଗପୁର, ୬।୪(ଡି.ଏନ୍.ଏ.)


ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣିରେ ଉପସ୍ଥିତ ଅଧିକାରୀ, ପୌରାଧ୍ୟକ୍ଷା ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ବହୁ ଚର୍ଚ୍ଚିତ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଗୁରୁବାର ସ୍ଥାନୀୟ ପୌର କାର୍ଯ୍ୟାଳୟ ସଭାଗୃହରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ରାଜଗାଙ୍ଗପୁରରେ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ରାଜଗାଙ୍ଗପୁର ମୌଜାର ୧-୩୯୫ ଏକର ଓ ରାଜଗାଙ୍ଗପୁର 'ଖ' ମୌଜାର ୦.୬୫ ଡେସିମାଲ,ସମୁଦାୟ ୨-୦୬୫ ଏକର ଜମି ଅଧିଗ୍ରହଣ ନିମନ୍ତେ ପୂର୍ବରୁ ମାର୍ଚ୍ଚ ୧୮ରେ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଜନଶୁଣାଣିରେ ପ୍ରଭାବିତ ଜନତା ତଥା ରାଜଗାଙ୍ଗପୁର ପୂର୍ବତନ ବିଧାୟକ ମଙ୍ଗଳା କିଷାନ, ବିଧାୟକ ପ୍ରତିନିଧି ଦିପୁ ବିନୋଦ, ଏମ୍‌ପି ପ୍ରତିନିଧି ମଧୁସ୍ମିତା ରାଉତ, ବିଭିନ୍ନ ସଙ୍ଗଠନର ପ୍ରତିନିଧି, ସମାଜସେବୀ ପ୍ରମୁଖ ଯୋଗଦେଇ ରାଜଗାଙ୍ଗପୁର ଅଞ୍ଚଳର ଦୀର୍ଘ ଦିନର ଦାବିକୁ ସ୍ୱାଗତ କରିଥିଲେ। କିନ୍ତୁ ଏହି ପ୍ରକଳ୍ପ ପାଇଁ ପ୍ରଥମେ ସରକାରୀ ଜମି ଚିହ୍ନଟ କରାଯାଇ ଅଧିଗ୍ରହଣ କରାଯାଉ। ଦରକାର ପଡିଲେ ରୟତି ଜମି ଅଧିଗ୍ରହଣ କରାଯାଉ। କେଉଁ ରୟତି ଜମି ଏବଂ କେତେ ମାତ୍ରାରେ ଅଧିଗ୍ରହଣ ଆବଶ୍ୟକ ତାହାର ସମ୍ପୂର୍ଣ୍ଣ ସୂଚନା ଦିଆଯାଉ। ଏହା ସହିତ ସମ୍ପୂର୍ଣ୍ଣ ମ୍ୟାପ ମଧ୍ୟ ପ୍ରଥମେ ଉପଲବ୍ଧ କରାଯାଉ ବୋଲି ମତ ପ୍ରକାଶ କରିଥିଲେ। ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟରେ ଏହି ଓଭରବ୍ରିଜ ନିର୍ମାଣ ପ୍ରକଳ୍ପ ପାଇଁ ପ୍ରଭାବିତ ହେବାକୁ ଥିବା ୭୦ଜଣ ଖାତା ରୟତଙ୍କୁ ନୋଟିସ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉପସ୍ଥିତ ରହିଥିଲେ। ଅତିରିକ୍ତ ଜିଲାପାଳ କେଉଁ ଖାତା ରୟତଙ୍କର କେତେ ଜମି ଏହି ପ୍ରକଳ୍ପ ପାଇଁ ଅଧିଗ୍ରହଣ ହେବ ତାହା ପଢି ଶୁଣାଇଥିଲେ। ଶୁଣିବା ପରେ କେତେଜଣ ଖାତା ରୟତ ଅଭିଯୋଗ କରି କହିଥିଲେ ଯେ,ସରକାରୀ ଜମି ଥିବା ଅବସ୍ଥାରେ ସେମାନଙ୍କର କିପରି ଭାବରେ ଏତେ ଜମି ଅଧିଗ୍ରହଣ ହେବ। ଓଭରବ୍ରିଜ ଓ ସର୍ଭିସ ରୋଡର ଚଉଡା କେତେ ସ୍ଥିରୀକୃତ ହୋଇଛି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ଅତିରିକ୍ତ ଜିଲାପାଳ ସୂଚନା ଦେଇଥିଲେ ଯେ, ଓଭରବ୍ରିଜର ଓସାର ୮.୫୦ ମିଟର ଓ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ୧୦.୫୦ ମିଟର ରହିବ। ଆସନ୍ତା ୧୩ ତାରିଖରୁ ଯେଉଁ ଜମି ଅଧିଗ୍ରହଣ ହେବ ତାହା ମାର୍କିଙ୍ଗ ହେବ। ଏଥିରେ ସମସ୍ତେ ସହଯୋଗ କରିବା ନିମନ୍ତେ କହିଥିଲେ। ମାର୍କିଙ୍ଗ ପରେ ପୁନର୍ବାର ସମସ୍ତେ ବସି ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ସୂଚନା ଦେଇଥିଲେ। ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ନିଜର ବକ୍ତବ୍ୟରେ କହିଥିଲେ ଯେ, ମାର୍କିଙ୍ଗ ପରେ ଆମେ ସମସ୍ତେ ପ୍ରକୃତ ତଥ୍ୟ ଜାଣିପାରିବା। ତା ପରେ ଏହା ଉପରେ ପର୍ଯ୍ୟାଲୋଚନା କରିବା। ଏହି ଅବସରରେ ରାଜଗାଙ୍ଗପୁର ତହସିଲଦାର ଇଜିୟୁସ ବିନୟ କୁଲ୍ଲୁ, ରାଜଗାଙ୍ଗପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସନା, ଉପନଗରପାଳ ମହମ୍ମଦ ଇରଫାନ, ସୁନ୍ଦରଗଡ଼ ଜମି ଅଧିଗ୍ରହଣ ଅଧିକାରୀ ସଞ୍ଜୀବ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରି ଶିକ୍ଷକ ଗିରଫ

**ପାଟଣାଗଡ,୬।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅଞ୍ଚଳର ଜଣେ ଶିକ୍ଷକଙ୍କ ବିରୋଧରେ ଆସିଛି ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ। ପୀଡିତାଙ୍କ ଅଭିଯୋଗକ୍ରମେ ପାଟଣାଗଡ ଥାନା ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗୁରୁବାର ଗିରଫ କରିଛି। ଅଭିଯାଗ ଅନୁଯାୟୀ ପାଟଣାଗଡ ବ୍ଲକ ଯୋଗୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଏକ ସ୍କୁଲର ଏହି ଶିକ୍ଷକ ଜଣକ ସମ୍ପୃକ୍ତ ଛାତ୍ରୀଙ୍କୁ ବହି କିଣି ଦେବାକୁ କହି ନିଜ ବାଇକରେ ବସାଇ ନେଇଥିଲେ। ବାଟରେ ବଳାତ୍କାର ଉଦ୍ୟମ କରିଥିବା ଛାତ୍ରୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଦଫା ୩୭୬, ୫୦୬, ୫୧୧ ଓ ପୋକ୍‌ସୋ ଆକ୍ଟରେ ଏକ ମାମଲା(୫୩/୨୩) ରୁଜୁ ହୋଇଛି। ଶୁକ୍ରବାର ସମ୍ପୃକ୍ତ ଶିକ୍ଷକ ସତ୍ୟନାରାୟଣ ନାଏକଙ୍କୁ ବଲାଙ୍ଗୀର ପୋକ୍‌ସୋ କୋର୍ଟ ଚାଲାଣ କରାଯିବ ବୋଲି ପଟଣାଗଡ ଥାନା ଆଇଆଇସି ଅନନ୍ତ ପଟେଲ କରିଛନ୍ତି।

### ଶପଥ ନେଲେ ଓକିଲ ସଂଘ କର୍ମକର୍ତ୍ତା

**ଟିଟିଲାଗଡ଼, ୬।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓକିଲ ସଂଘ ସଭାଗୃହରେ ନବ ନିର୍ବାଚିତ ସଦସ୍ୟଙ୍କ ଶପଥଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରବିକିରଣ ସ୍ୱାଇଁଙ୍କ ସ୍ୱାଗତ ଅଭିଭାଷଣ ପରେ ବରିଷ୍ଠ ଓକିଲ ତଥା ନିର୍ବାଚନ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡା ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ମହେଶ କୁମାର ମହାନ୍ତି, ଉପସଭାପତି ବିଦ୍ୟାଧର ଭରାସାଗର, ସହସମ୍ପାଦକ ମକରଧ୍ୱଜ ବାଗ, କୋଷାଧକ୍ଷ ବେଦପ୍ରକାଶ ବେହେରା ଓ ସମସ୍ତ ୧୦ କାର୍ଯ୍ୟକାରୀ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ଓକିଲ ସଂଘର ସମସ୍ତ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।

### ବାଳଗୋପାଳ ସେନାର ମିଶ୍ରଣ ପର୍ବ

**ଲୋଇସିଂହା,୬।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ବାବୁଫାସଡ ଗ୍ରାମରେ ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ରଙ୍କ ନାମରେ ନାମିତ ବାଳଗୋପାଳ ସେନାର ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମିଶ୍ରଣ ପର୍ବରେ ଦୁଷ୍ମନ୍ତ ପଟେଲ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ଆକାଶ ମିଶ୍ର, କାର୍ଯ୍ୟକାରୀ ସବାପତି କୌସ୍ତୁଭ ସାହୁ, ସମ୍ପାଦକ ଧୀରେନ ପଟେଲ, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଦାଶ ଉପସ୍ଥିତ ଥିଲେ। ବାବୁଫାସଡ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ସେଠଙ୍କ ସମେତ ୫ ୱାର୍ଡ ସଭ୍ୟାସଭ୍ୟ, ମୁରସୁଣ୍ଡି ସମିତି ସଭ୍ୟ ପବିତ୍ରମୋହନ ପଧାନ, କୁଟାସିଂହା ସମିତି ସଭ୍ୟ ପୁଷ୍ପାଞ୍ଜଳି ବେହେରା ସାମିଲ ହୋଇଥିଲେ।

### ବେକରେ ରଶିଦେଇ ମହିଳାଙ୍କ ଆତ୍ମହତ୍ୟା

**ହତ୍ୟା ଅଭିଯୋଗ କଲେ ବାପଘର ଲୋକେ**

**ସଇଁତଲା,୬।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ଥାନା କୁଆଁର ଗାଁର କଳ୍ପନା ତ୍ରିପାଠୀ (୨୫) ନିଜ ଘରେ ଗୁରୁବାର ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ତେବେ ଯୌତୁକ ପାଇଁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଥିବା କଳ୍ପନାଙ୍କ ବଡ଼ଭାଇ ରଶ୍ମିରଞ୍ଜନ ଷଡ଼ଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। କୁଆଁର ଗାଁର ଶୁଭ୍ରାଂଶୁ ତ୍ରିପାଠୀ ଗତ ୨୩ ଅପ୍ରେଲ ୨୦୧୮ରେ ବଲାଙ୍ଗୀର ସହର ରାମେଶ୍ୱର ନଗର ବାସିନ୍ଦା ଗୋବିନ୍ଦ ଷଡ଼ଙ୍ଗୀଙ୍କ ଝିଅ କଳ୍ପନାଙ୍କୁ ବିବାହ କରିଥିଲେ। ବିବାହ ପରେ ବିଭିନ୍ନ ସମୟରେ ବାଇକ ଏବଂ ୧ ଲକ୍ଷ ଟଙ୍କା ଦାବିକରି କଳ୍ପନାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ୨୦୨୦ ମସିହାରେ ସଇଁତଲା ଥାନାରେ ଅଭିଯୋଗ ପରେ ମାମଲାର ସମାଧାନ ହୋଇଥିଲା। କିଛିଦିନ ପୂର୍ବରୁ କଳ୍ପନା ଫୋନ କରି ତାଙ୍କୁ ନେଇଯିବାକୁ ଭାଇଙ୍କୁ କହିଥିଲେ। କିନ୍ତୁ ଶୁଭ୍ରାଂଶୁ ମିଳିମିଶି ରହିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ଘରେ କେହି ନ ଥିବାବେଳେ ବେକରେ ଶାଢ଼ୀଦେଇ କଳ୍ପନା ଆତ୍ମହତ୍ୟା କରିଥିବା ତାଙ୍କ ନଣନ୍ଦ କହିଛନ୍ତି। ହେଲେ କଳ୍ପନାଙ୍କ ପରିବାର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। କଳ୍ପନାଙ୍କ ଏକ ତିନିବର୍ଷର ଶିଶୁପୁତ୍ର ଅଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସ୍ୱାମୀ ଶୁଭ୍ରାଂଶୁଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

# ରିଲାଏନ୍ସ କୋଚିଂରେ ତନାଘନା

**ବଲାଙ୍ଗୀର ଅଫିସ, ୬।୪**

ଜାଲ୍ ସାର୍ଟିଫିକେଟ୍ ମାମଲାର ତଦନ୍ତ କାର୍ଯ୍ୟକୁ ନିରୀକ୍ଷଣ କରିବା ପାଇଁ ବୁଧବାରଠାରୁ ବଲାଙ୍ଗୀରରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା କ୍ୟାମ୍ପ କରି ରହିଛନ୍ତି। ଗୁରୁବାର ତଦନ୍ତର ଷଷ୍ଠଦିନ ପୂର୍ବାହ୍ନରୁ କ୍ରାଇମବାଞ୍ଚ ଆଇଜି ସିହ୍ନା ପ୍ରତ୍ୟକ୍ଷଭାବେ ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ବାରାକ୍ ପରିସରରେ ରିମାଣ୍ଡରେ ଅଣାଯାଇଥିବା ଜାଲ ସାର୍ଟିଫିକେଟ୍ ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ପ୍ରମୁଖ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତା, ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରିଥିବା ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କ ଜେରାକୁ ନିରୀକ୍ଷଣ କରିଥିଲେ। ୪ ଅଭିଯୁକ୍ତଙ୍କ ମୁହାଁମୁହିଁ ଜେରା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିବାରୁ ଅପରାହ୍ଣରେ ଖୋଦ୍ ଆଇଜି ସିହ୍ନା ଏବଂ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମିଶନ୍ ପଡିଆ ସମ୍ମୁଖର ରିଲାଏନ୍ସ କୋଚିଂ ସେଣ୍ଟରକୁ ଯାଇ ପ୍ରାୟ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ତନାଘନା କରିଥିଲେ। କିଭଳି ଭାବେ ଏହି କୋଠାରୁ ଅଭିଯୁକ୍ତ ମନୋଜ ଏବଂ ଆଲୋକ ଜାଲ୍ ସାର୍ଟିଫିକେଟ୍ କାରବାର କରୁଥିଲେ ତାହା ତଦନ୍ତ କରିଥିଲେ। ପୂର୍ବରୁ ବଲାଙ୍ଗୀର ପୋଲିସ ଏହି କୋଚିଂ ସେଣ୍ଟର ଉପରେ ଚଢ଼ାଉ କରି ଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳର ୫ ହଜାରୁ ଉର୍ଦ୍ଧ୍ୱ ଜାଲ୍ ସାର୍ଟିଫିକେଟ, ହାର୍ଡଡିସ୍କ, କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେଶିନ୍ ଜବତ କରିଥିଲା।


ବଲାଙ୍ଗୀର ଟାଉନ୍ ଥାନାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜଣେ ମହିଳାଙ୍କୁ ପଚରାଉଚରା କରୁଛନ୍ତି।

ଦୁଇ ଅଭିଯୁକ୍ତ ମନୋଜ ଏବଂ ଆଲୋକଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜେରା ବେଳେ କିଛି ନୂଆ ସୂଚନା ମିଳିଥିଲା। ସେଠାରେ କାଳେ ଅନ୍ୟ ହାର୍ଡଡିସ୍କ କିମ୍ବା ଚିପ୍ସ ମିଳିବା ଆଶାରେ ଆଇଜି ସିହ୍ନା, ଡିଏସ୍‌ପି ଦେବବ୍ରତ ଚକ୍ର ଓ ଅନ୍ୟ ଅଧିକାରୀ ଯାଇଥିଲେ। ସେଠାରୁ ଫେରିବା ବେଳେ ଆଇଜି ସିହ୍ନାଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ମଧ୍ୟ କୌଣସି ପ୍ରଶ୍ନର ସିଧାସଳଖ ଉତ୍ତର ନଦେଇ ତଦନ୍ତ ଠିକ୍ ଚାଲିଛି କହି ଚାଲିଯାଇଥିଲେ। ଡିଏସ୍‌ପି ଚକ୍ରଙ୍କୁ ପଚାରିବାରୁ ଅଧିକ କିଛି ତଥ୍ୟ ମିଳିବା ଆଶାରେ ରିଲାଏନ୍ସ କୋଚିଂ ସେଣ୍ଟରକୁ ଆସିଥିଲୁ ବୋଲି କହିଥିଲେ। ଆଜି କ'ଣ ସବୁ ନୂଆ ତଥ୍ୟ ମିଳିଛି ବୋଲି ପ୍ରଶ୍ନ କରିବାରୁ ସବୁଦିନ ଅନେକ ନୂଆ ତଥ୍ୟ ମିଳୁଛି ଏବଂ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି କହିଥିଲେ।

ଗୁରୁବାର କ୍ରାଇମ୍‌ବ୍ରାଞ୍ଚର ଅନ୍ୟ ଏକ ଟିମ୍ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଟାଉନ୍ ଥାନାକୁ ଆସିଥିଲେ। ସେଠାରେ ପୂର୍ବାହ୍ନ ୧୧ଟାରୁ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସ୍ତ୍ରୀ ଏବଂ ଅଭିଯୁକ୍ତ ଆଲୋକ ଉଦ୍‌ଗାତାଙ୍କ ସ୍ତ୍ରୀଙ୍କୁ ଟାଉନ୍ ଥାନାକୁ ଡାକି ପଚରାଉଚରା କରିଥିଲେ। ବିଶେଷକରି ଜାଲ୍ ସାର୍ଟିଫିକେଟ ମାମଲାରେ ଆର୍ଥିକ କାରବାର ସମ୍ପର୍କରେ ସେମାନେ କ'ଣ ଜାଣିଛନ୍ତି, ଟଙ୍କା ନେଣଦେଣ କିଭଳି ହେଉଥିଲା ଏବଂ ଏହି କାରବାର ଦୁଇ ମୁଖ ଅଭିଯୁକ୍ତଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ଥିଲେ ସେ ବିଷୟରେ ସେମାନଙ୍କ ପାଖେ କ'ଣ ତଥ୍ୟ ରହିଛି ସୂଚନା କ୍ରାଇମ୍‌ବ୍ରାଞ୍ଚକୁ ଦେବାକୁ କହିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ମହିଳାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଇନ୍ସପେକ୍ଟର ପଣ୍ଡା ପଚରାଉଚରା ଜାରି ରଖିଥିଲେ। ଅନ୍ୟପଟେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମନୋହରପୁର ରିଜର୍ଭ ପୋଲିସ ବାରାକ୍‌ରେ ଜାଲ୍ ସାର୍ଟିଫିକେଟ୍ ନେଇ ଚାକିରି ଆବେଦନ କରି ଧରାପଡିଥିବା ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ଜେରା କରି କେତେ ଟଙ୍କାରେ ଏବଂ କେଉଁ ମାଧ୍ୟମରେ ସେମାନେ ସାର୍ଟିଫିକେଟ ହାସଲ କଲେ ସେଦିଗରେ ଅଧିକ ପଚରାଉଚରା କରିଥିବା ଜଣାପଡିଛି। କ୍ରାଇମ୍‌ବ୍ରାଞ୍ଚ ଡିଏସପି ଚକ୍ର ଗିରଫଦାରୀ ସଂଖ୍ୟା ବଢ଼ିବ ଏବଂ ରାଜ୍ୟ ବାହାରକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେବା ପରେ ରିମାଣ୍ଡରେ ଆସିଥିବା ୪ ଅଭିଯୁକ୍ତଙ୍କଠାରୁ ଠୋସ୍ ତଥ୍ୟ ପାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଟାଉନ୍ ଥାନା ପୋଲିସକୁ ଏକ ସମ୍ଭାବ୍ୟ ଗିରଫଦାରୀ ତାଲିକା ପ୍ରଦାନ କରିଥିବା ଜଣାପଡିଛି। ଗୁରୁବାର ରାତିରୁ ସମ୍ଭାବ୍ୟ ତାଲିକାଭୁକ୍ତ ଅଭିଯୁକ୍ତଙ୍କୁ ପୋଲିସ ଉଠାଇବା ବୋଲି ଜଣାପଡିଛି। ରିମାଣ୍ଡ ଅବଧି ଆଉ ଦୁଇଦିନ ବାକି ରହିଥିବାରୁ ଅଭିଯୁକ୍ତଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବା ଆଶା କରାଯାଉଛି।

**ଜାଲ୍ ସାର୍ଟିଫିକେଟ୍ ମାମଲା**

- ଆଇଜି ସିହ୍ନା କହିଲେ ତଦନ୍ତ ଠିକ୍ ଚାଲିଛି
- ଟାଉନ ଥାନାରେ ମୁଖ୍ୟ ଦୁଇ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କୁ ପଚରାଉଚରା
- ଗିରଫଦାରି ସଂଖ୍ୟା ବଢ଼ିବ, ରାଜ୍ୟ ବାହାରକୁ ଯିବ ଟିମ୍: ଡିଏସ୍‌ପି
- ସମ୍ଭାବ୍ୟ ଗିରଫଦାରୀ ତାଲିକା ଟାଉନ୍ ପୋଲିସକୁ ଦେଲେ

### ୨ବାଇକ୍ ମୁହାଁମୁହିଁ ଧକ୍କା, ୪ଗୁରୁତର

**ଦେଓଗାଁ, ୬।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜୁର୍ଲାକାନୀ ଛକରେ ୨ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଛି। ଗୁରୁବାର ସକାଳେ ଜୁର୍ଲାକାନୀ ଗାଁର ୨ଜଣ ଯୁବକ ଏକ ବାଇକରେ ଦେଓଗାଁ ପଟକୁ ଆସୁଥିବା ବେଳେ ଜୁର୍ଲାକାନୀ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ତୁଷୁରା ଦେଶେଇମୁଣ୍ଡାର ୨ଜଣ ଯୁବକଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଫଳରେ ଜଣକଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ଅନ୍ୟଜଣଙ୍କ ଛାତିରେ ଆଘାତ ଲାଗି ଗୁରୁତର ହୋଇଛନ୍ତି। ଏଥିରେ ଅନ୍ୟ ଦୁଇଜଣ ମଧ୍ୟ ଗୁରୁତର ହୋଇଛନ୍ତି।

### ଶତାୟୁ ମହିଳାଙ୍କ ବିୟୋଗ

**ଲୋଇସିଂହା,୬।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟପାଲି ଗ୍ରାମର ଲଙ୍କା ନନ୍ଦଙ୍କ (୧୦୨) ଗୁରୁବାର ବିୟୋଗ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ୩ପୁଅ ଦାଶରଥୀ, ଅଗସ୍ତି, ସମ୍ପତି, ବୋହୂ ଓ ଜ୍ଞାତି ପରିଜନ ଉପସ୍ଥିତଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ ସହ ଶବାଧାରରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ଗାଁରେ ଶୋକର ଛାୟା ଖେଳି ଯାଇଛି।

## ଗାଁ ଲୋକଙ୍କ ଆକ୍ରମଣରେ ହରିଣ ମୃତ

**ସଇଁତଲା, ୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନାର ସୁରକ୍ଷା ବାଡ଼ ନିକଟରେ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ଗୋଟିଏ ଅଣ୍ଡିରା ହରିଣର ମୃତ୍ୟୁ ଘଟିଛି। ସେହିଭଳି ହରିଣକୁ ସୁରକ୍ଷା ଦେବାକୁ ଯାଇ ଶିକାରୀମାନଙ୍କ ଆକ୍ରମଣରେ କାରଖାନାର ବରିଷ୍ଠ ଅଧିକାରୀ ଗୁରୁତର ଆହତ ହୋଇଛନ୍ତି। ଗୋଳାବାରୁଦ କାରଖାନା ପରିସରରେ ଘଞ୍ଚ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ଥିବା ହରିଣ ବିଭିନ୍ନ ସମୟରେ କାରଖାନାର ସୁରକ୍ଷା ବାଡ଼ ବାହାରକୁ ଚାଲିଯାଇ ଶିକାରୀଙ୍କ ହାବୁଡ଼ରେ ପଡିଥାନ୍ତି। ଗୁରୁବାର ପୂର୍ବାହ୍ନରେ ପ୍ରାୟ ଦଶବର୍ଷର ଏକ ଅଣ୍ଡିରା ହରିଣ କାରଖାନାର ସୁରକ୍ଷା ବାଡ଼ ବାହାରକୁ ଯାଇ ଚାନ୍ଦୋତରା ନିକଟରେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ୪/୫ଜଣ ବ୍ୟକ୍ତି ହରିଣକୁ ବାଡ଼ି ଓ ପଥରରେ ଆକ୍ରମଣ କରିଥିଲେ। ସେତେବେଳେ ବେଷ୍ଟନ ଅଞ୍ଚଳରେ ଡ୍ୟୁଟି କରୁଥିବା ସୁରକ୍ଷା କର୍ମୀ ଏ ବିଷୟରେ କାରଖାନାର ବରିଷ୍ଠ ସୁରକ୍ଷା ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଜନ୍ମେଜୟ ମିଶ୍ରଙ୍କୁ ଜଣାଇଥିଲେ। ଖବର ପାଇ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ହରିଣଙ୍କ ଆକ୍ରମଣ କରୁଥିବା ଲୋକଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ଓଲଟି ମିଶ୍ରଙ୍କୁ ପଥରମାରି ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ହାତରେ ଜଖମ ଲାଗିଛି। ଉପସ୍ଥିତ ସୁରକ୍ଷା କର୍ମୀ ମିଶ୍ରଙ୍କୁ ଉଦ୍ଧାର କରି କାରଖାନାସ୍ଥିତ ଡ଼ାକ୍ତରଖାନା ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଆକ୍ରମଣରେ ଗୁରୁତର ହରିଣକୁ ଉଦ୍ଧାର କରି ବେଲଗାଁ ବନ ବିଭାଗକୁ ଖବର ଦିଆଯାଇଥଇଲା। ଟିଟିଲାଗଡ଼ ରେଞ୍ଜର ଲିଙ୍ଗରାଜ ଭୋଇଙ୍କ ନେତୃତ୍ୱରେ ଟିଟିଲାଗଡ଼ ପ୍ରାଣୀଧନ ଚିକିତ୍ସାଳୟ ଡ଼ାକ୍ତର ଏବଂ କର୍ମଚାରୀ ହରିଣକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଦୁଇଘଣ୍ଟାର ଚିକିତ୍ସା ପରେ ହରିଣର ଜୀବନ ଚାଲିଥିଲା। ବନ ବିଭାଗ ହରିଣର ମୃତଦେହ ବ୍ୟବଚ୍ଛେଦ ପରେ ଜଙ୍ଗଲରେ ପୋତି ଦେଇଥିବା ରେଞ୍ଜର ଭୋଇ କହିଛନ୍ତି।


ଶିକାରୀ ଆକ୍ରମଣରେ ମୃତ ହରିଣ।

**ସୁରକ୍ଷା ଦେବାକୁ ଯାଇ ଗୋଳାବାରୁଦ କାରଖାନା ବରିଷ୍ଠ କର୍ମଚାରୀ ଆକ୍ରମଣର ଶିକାର**

### ଗଛରେ ପିଟିହେଲା କାର, ଜଣେ ମୃତ

**ଖପ୍ରାଖୋଲ, ୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ-ଲାଠୋର ମୁଖ୍ୟରାସ୍ତାର ଘୁନୁସର ଛକ ନିକଟ ବୁଲାଣିରେ ଗୁରୁବାର ଏକ କାର ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ ଓ ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଉମେଶ ଦତ୍ତ(୨୭)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ୨ ଗୁରୁତରଙ୍କୁ ଉଚ୍ଚ ଚିକିତ୍ସା ପାଇଁ ନୂଆପଡ଼ା ଜିଲା ହସ୍ପିଟାଲ ଓ ରାୟପୁରକୁ ପରିବାର ଲୋକେ ନେଇଥିବା ଜଣାପଡିଛି। ସୂଚନା ଅନୁସାରେ ଲାଠୋରର ଉମେଶ ଦତ୍ତ, ବିଷ୍ଣୁ ଅଗ୍ରୱାଲ (୨୪) ଓ ଇନ୍ଦ୍ର ମେହେର (୨୮) ଖପ୍ରାଖୋଲକୁ କୌଣସି ଏକ କାମରେ ଆସିଥିଲେ। କାମ ସାରି ନିଜ ଗ୍ରାମକୁ ଫେରୁଥିବା ବେଳେ ଘୁନୁସର ଛକ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ଏକ ନିମ୍ବଗଛରେ କାର ପିଟି ହୋଇଯାଇଥିଲା। ଲାଠୋର ପୋଲିସ ମୃତଦେହ ଜବତ କରିଛି।

### କୁକୁଡ଼ା, ଛେଳି ଚାଷ କର୍ମଶାଳା

**ଖପ୍ରାଖୋଲ,୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନୁସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରାଣୀ ସମ୍ପଦ ବିଭାଗ ତରଫରୁ କୁକୁଡ଼ା ଓ ଛେଳି ଚାଷ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା ସୁଜିତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସ୍ୱପ୍ନେଶ୍ୱର ନାଏକ, ସରପଞ୍ଚ ଅନୁସୟା ସାହୁ, ବିଧାୟକ ପ୍ରତିନିଧି ରମେଶ ପଧାନ, ପବିତ୍ର ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ପ୍ରାଣୀସମ୍ପଦ ପାଳନର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିବା ସହ କୁକୁଡ଼ା, ଛେଳି, ବତକ, ଘୁଷୁରି ଓ ଗୋପାଳନ ପାଇଁ ସରକାରୀ ପ୍ରୋତ୍ସାହନ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ବ୍ଲକର ସଫଳ କୁକୁଡ଼ା ଚାଷୀ ଶାନ୍ତିପୁର ଗାଁର ପୁଷ୍ପଲତା ସାହୁ ଓ ପାଚେର ଗାଁର ମହେନ୍ଦ୍ର କୁମାର ନନ୍ଦଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି କୁକୁଡ଼ା ଚାଷ ପାଇଁ ଇଚ୍ଛା ପ୍ରକାଶ କରିଥିବା ଉଦ୍ୟୋଗୀ ତଥା ଏସ୍‌ଏଚ୍‌ଜି ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥଇଲା। କାର୍ଯ୍ୟକ୍ରମକୁ ମୋହନ ସୁନା ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଲେ ୫ ଶହ କଳାକାର

**ଲୋଇସିଂହା,୬।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ଶ୍ରଦ୍ଧାପାଲି ଗ୍ରାମରେ କଳାକାର ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସ୍ୱପ୍ନେଶ୍ୱର ବାବା କଳା ପରିଷଦ, ପଞ୍ଚୁସେବା ସଦନ, ବିଜୁ ସାଂସ୍କୃତିକ ସମନ୍ୱୟ ସମିତି ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ପାଳିତ ହୋଇଥିଲା। କଳାକାର ସମ୍ମିଳନୀ ସଭାରେ ବିଜେଡି ବ୍ଲକ ସଭାପତି ପଞ୍ଚୁ ପଧାନ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାରରଞ୍ଜନ ବେହେରା, ବ୍ଲକ ଉପାଧ୍ୟକ୍ଷା ନିରୂପମା ପଧାନ, ବଂଶୀଧର ବେହେରା, ବ୍ଲକ କଳାକାର ସଂଘ ସଭାପତି ବଂଶୀଧର ବେହେରା, ଭରତ ସାହୁ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। କଳାକାର ସମ୍ମିଳନୀ ମାଧ୍ୟମରେ ପରୁଣା ସଂସ୍କୃତି ଓ ଐତିହ୍ୟକୁ ବଞ୍ଚାଇ ରଖୁଥିବା କଳାକାରଙ୍କୁ ୨୦୧୯ରୁ ରାଜ୍ୟ ସରକାର କଳାକାର ସହାୟତା ପ୍ରଦାନ କରି ଆସୁଛନ୍ତି। ସମାଜ ସଂସ୍କାରରେ କଳାକାରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ ସମ୍ମାନୀତ ଅତିଥି ବେହେରା। କଳାକାରମାନଙ୍କୁ ଉତ୍ତରୀୟ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ଅତିଥି। ସଭା ପୂର୍ବରୁ କଳାକାରାମନେ ମଶାଲ ଶୋଭାଯାତ୍ରା କରି କଳା ପ୍ରଦର୍ଶନ କରିଥିଲେ। ବ୍ରଜମୋହନ ବିଶୋଇ, ମୋହନଲାଲ ଶିକା, ବୁଧଦେବ ସାହୁ, ନାରାୟଣ ସାହୁ, ବିକାଶ ମହାକୁଡ, ହେମକାନ୍ତ ସାହୁ, ତିକେଶ୍ୱର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଳାକାରଙ୍କ ଶୋଭାଯାତ୍ରାରେ ଅତିଥି।

## ନିର୍ମାଣ ସରୁନି, ବାରଣ୍ଡାରେ ଶିଶୁଙ୍କ ପ୍ରିକ୍ଲାସ


ଅଧାପନ୍ତରିଆ ହୋଇପଡିଥିବା ଉପରଝରରେ ଅଙ୍ଗନୱାଡି (କ)କେନ୍ଦ୍ର କୋଠା।


କର୍ମୀଙ୍କ ଘରଦୁଆରେ ଶିଶୁଙ୍କ ପ୍ରିକ୍ଲାସ ଚାଲିଛି।

**ଦେଓଗାଁ, ୬।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ଅଙ୍ଗନୱାଡି 'କ' କେନ୍ଦ୍ର ନାନା ଅବ୍ୟବସ୍ଥାରେ ଚାଲିଛି। କେନ୍ଦ୍ରର ନିଜସ୍ୱ କୋଠାନାହିଁ। ଫଳରେ ପିଲାଙ୍କ ପ୍ରିକ୍ଲାସ ଅଙ୍ଗନୱାଡି କର୍ମୀଙ୍କ ବାରଣ୍ଡାରେ ଚାଲିଛି। ପ୍ରଶାସନିକ ଅବହେଳା ଯୋଗୁଁ ଆଜକୁ ୫ବର୍ଷ ହେଲା କୋଠା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। କାମ ତଦାରଖ କରୁଥିବା ଠିକାଦାରଙ୍କ କହିବାନୁସାରେ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ପଡି ନ ଥିବାରୁ କୋଠା ସମ୍ପୂର୍ଣ୍ଣ କରିହେଉନାହିଁ। ଉକ୍ତ ଅଙ୍ଗନୱାଡି କେନ୍ଦ୍ରର ସମସ୍ୟା ନେଇ ୨୦୨୨ ମେ ୨୭ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ପଦକ୍ଷେପ ସ୍ୱରୁପ କୋଠାକାମ କିଛି ମାତ୍ରାରେ ଆରମ୍ଭ ହୋଇଥିଲା। ହେଲେ ପୁନଶ୍ଚ ବିଲ ହୋଇ ନ ଥିବା ଦର୍ଶାଇ ସମ୍ପୃକ୍ତ ଠିକାଦାର କୋଠା ନିର୍ମାଣ ବନ୍ଦ କରିଦେଇଥିଲେ।

୧୯୯୩ ମସିହାରେ ଉପରଝର ଅଙ୍ଗନୱାଡି 'କ' କେନ୍ଦ୍ର ଗୃହ ନିର୍ମାଣ ହୋଇଥିଲା। ଜରାଜୀର୍ଣ୍ଣ ହୋଇପଡିଥିବା(କ) କେନ୍ଦ୍ର କୋଠାକୁ ୨୦୧୪ ମସିହାରେ ବ୍ଲକ ପ୍ରଶାସନ ବିପଦସଙ୍କୁଳ ଘୋଷଣା କରି କୋଠାରେ ତାଲା ପକାଇଦେଇଥିଲା। ଫଳରେ ଏକବର୍ଷ ଧରି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ କୋଠାରେ ପ୍ରିକ୍ଲାସ ଚାଲିଲା। ପରେ ସେଠାରୁ ଉକ୍ତ ଗାଁର ହେମାଲ ପଧାନଙ୍କ ଘରେ ୫ଶହ ଟଙ୍କା ଭଡାସୂତ୍ରରେ ୨୦୧୮ ମସିହାରୁ ୨୦୨୧ ପର୍ଯ୍ୟନ୍ତ ୪ବର୍ଷ ଧରି ଚାଲିଥିଲା। ହେଲେ ବିଭାଗ କୋଠା ନିର୍ମାଣ ଦିଗରେ ଧ୍ୟାନ ନଦେବା ସହ ସମ୍ପୃକ୍ତ କର୍ମୀଙ୍କୁ ଘରଭଡା ଟଙ୍କା ମଧ ମଞ୍ଜୁର ନ କରିବାରୁ ବାଧ ହୋଇ ତାଙ୍କ ନିଜ ଘରେ ଶିଶୁମାନଙ୍କୁ ପ୍ରିକ୍ଲାସ ଓ ରନ୍ଧାଖାଦ୍ୟ ଦେଉଥିବା କର୍ମୀ ସୁନୟନା ବିଶ୍ୱାଳ କହିଛନ୍ତି। ଏଭଳି ଅବ୍ୟବସ୍ଥାରେ ଦୀର୍ଘବର୍ଷ ହେଲା ଚାଲିଥିବାରୁ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ତ୍ତମାନ ଏହି କେନ୍ଦ୍ରରେ ୨୫ଜଣ ଶିଶୁ ରହିଛନ୍ତି। ଏ ଦିଗରେ ଜଲାପାଳ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

**ଉପରଝର ଅଙ୍ଗନୱାଡି 'କ' କେନ୍ଦ୍ର**

- ୫ବର୍ଷ ହେଲା ଚାଲିଛି କୋଠା ନିର୍ମାଣ

## ବଣ ମଇଁଷି ଆକ୍ରମଣରେ ମହିଳା ଗୁରୁତର

ଝାରବନ୍ଧ (ଡି.ଏନ.ଏ.): ଝାରବନ୍ଧ ଥାନା ଅନ୍ତର୍ଗତ ଗଣ୍ଡପଡାଠାରେ ବଣ ମଇଁଷି ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗଣ୍ଡପଡା ଗ୍ରାମର ଜୟାମତୀ ବରିହା(୫୨)। ଜୟାମତୀ ଜଙ୍ଗଲକୁ ମହୁଲ ଗୋଟାଇବା ପାଇଁ ଯାଇଥିବାବେଳେ ଏକ ବଣ ମଇଁଷି ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ଡାହାଣ ହାତ ଓ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ଝାରବନ୍ଧ ବନପାଳ ଗିରିରାଜ କୁମାର, ବନରକ୍ଷୀ ପ୍ରତିମା ସୁନା, ଯୋଗେଶ ଭୁଏ ପ୍ରମୁଖ ପହଞ୍ଚି ଗୁରୁତର ମହିଳାଙ୍କୁ ଉଦ୍ଧାର କରି ପଦ୍ମପୁର ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ସଂକ୍ଷେପରେ

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବରପାଲି,୬।୪(ଡି.ଏନ.ଏ.): ବରପାଲି ନିକଟସ୍ଥ ଗଡଗଡଦଲା ଗ୍ରାମରେ ଜଣେ ଯୁବକ ଗୁରୁବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ଗୋକୁଳାନନ୍ଦ ବେହେରା (୧୯)। ତାଙ୍କ ବିଲରେ ଏକ ବରଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣା ଯାଇଛି । ଗୋକୁଳାନନ୍ଦ ସକାଳେ ବରପାଲି ଆସି ହାଟ ବଜାର ସାରି ଘରକୁ ଫେରିଥିଲେ ଏବଂ କ୍ଷେତରୁ ଆସୁଛି ବୋଲି ମା'ଙ୍କୁ କହି ଚାଲିଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ଖୋଜାଖୋଜି କରିବାରୁ କ୍ଷେତରେ ଥିବା ଏକ ବରଗଡ଼ରେ ତାଙ୍କର ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ବରପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୫।୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଗହଣା ଦୋକାନରୁ ଲୁଟ୍ ଘଟଣାରେ ୨ ଗିରଫ

ବରପାଲି,୬।୪(ଡି.ଏନ.ଏ.): ବରପାଲି ଥାନା ନିକଟ ଗହଣା ଦୋକାନରୁ ଲୁଟ ଘଟଣାରେ ବରପାଲି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଭିଯୁକ୍ତ ଗଞ୍ଜାମ ଜିଲା ପକଲାପଲ୍ଲୀ ଗ୍ରାମର ଜେ. ସୁନିଲ (୪୯) ଓ ଯାଜପୁର ଜିଲା କୋରେଇର ରୋହିତ ଦାସ (୧୮)। ସେମାନଙ୍କଠାରୁ ଗୋଟିଏ ବାଇକ୍ (ନଂ.ଓଡ଼ି୨୫ଇ/୮୦୦୬), ୩କେଜି ୨୬୬ ଗ୍ରାମ ରୂପା ଅଳଙ୍କାର ଓ ୩ଗ୍ରାମ ୫୦୦ ମିଲିଗ୍ରାମ ସୁନା ଜବତ ହୋଇଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୯ ତାରିଖ ସକାଳେ ବରପାଲି ଥାନା ସମ୍ମୁଖରେ ଥିବା ଦୀପକ ସୁନା ଦୋକାନରୁ ଦୁଇ ଜଣ ଦୁର୍ବୃତ୍ତ ଗହଣା ଭର୍ତ୍ତି ବ୍ୟାଗ ନେଇ ଫେରାର ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସିସି କ୍ୟାମେରା ଫୁଟେଜକୁ ଆଧାର କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଗୁରୁବାର ସନ୍ଧ୍ୟାରେ ବରପାଲି ଥାନାରେ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା ଓ ଆଇଆଇସି ସୁଜାତା ଲତା ସେଠୀ ସୂଚନା ଦେଇଛନ୍ତି।

### ନବୋଦୟ ସ୍କୁଲରେ ଜି-୨୦ ଭାଷଣ ପ୍ରତିଯୋଗିତା

ପାଇକମାଲ, ୬।୪(ଡି.ଏନ.ଏ.): ବରଗଡ ଜିଲା ପାଇକମାଲ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଗୁରୁବାର ଅନ୍ତଃରାଷ୍ଟ୍ରୀୟ ଆର୍ଥିକ ସହଯୋଗର ପ୍ରମୁଖ ମଞ୍ଚ ଜି-୨୦ ସମ୍ବନ୍ଧୀୟ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଛାତ୍ରାବାସରୁ ତିନି ଜଣ ପ୍ରତିନିଧିସ୍ୱରୀୟ ଛାତ୍ର ଅଂଶଗ୍ରହଣ କରିଥିଲେ। ସମୁଦାୟ ୧୮ଜଣ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗନେଇ ଜି-୨୦ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟକୁ ସାକାର ରୂପ ପ୍ରଦାନ କରିଥିଲେ। ଅଭିଭାଷଣର ବିଷୟ ଥିଲା 'ଜି-୨୦ ଅଧ୍ୟକ୍ଷତା ଅବସରରେ ଭାରତର ଭୂମିକା'। ବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ, ଶିକ୍ଷକ ଜଗଦୀଶ ପାତ୍ର, ଉମେଶ ଚନ୍ଦ୍ର ଝାଙ୍କର, ମନୋରଞ୍ଜନ ପାଢ଼ୀଙ୍କ ପରିଚାଳନା ଏବଂ ଶିକ୍ଷକ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲୋକଙ୍କ ଭରସା ହରାଉଛି ଭାଜପା

ସରଣ୍ଡା,୬।୪(ଡି.ଏନ.ଏ.)

ଅତାବିରା ଏନ୍‌ଏସି ନିର୍ବାଚନ ଶେଷ ହୋଇ ଫଳାଫଳ ସାମ୍ନାକୁ ଆସିଛି। ପ୍ରଥମ ଥର ପାଇଁ ଏନ୍‌ଏସିର ନଗରପାଳ ପାଇଁ ପ୍ରତ୍ୟକ୍ଷ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ୧୨ଟି କାଉନସିଲର ପଦବୀରୁ ୧୧ଟି ପଦବୀ ଅକ୍ତିଆର କରି ବିଜେଡି ତାର ଗଡ଼ ରକ୍ଷା କରିବା ସହ ଦବଦବା ଜାହିର କରିଛି। କଂଗ୍ରେସ ମଧ୍ୟ ୧ନମ୍ବର ୱାର୍ଡ କାଉନସିଲର ପଦବୀକୁ ହାତେଇ ନିଜ ସମ୍ମାନ ରକ୍ଷା କରିଛି। ତେବେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଭାଜପା ତୃତୀୟ ସ୍ଥାନକୁ ଚାଲିଯାଇଛି ।

**ଅତାବିରା ଏନ୍‌ଏସି ନିର୍ବାଚନ**

୨୦୧୩ରେ ନବଗଠିତ ଅତାବିରା ଏନ୍‌ଏସିର ପ୍ରଥମ ନିର୍ବାଚନରେ ବିଜେଡି ଓ କଂଗ୍ରେସର ୬ଜଣ କାଉନସିଲର ବିଜୟୀ ହୋଇଥିଲେ। କଂଗ୍ରେସ ଅଧ୍ୟକ୍ଷ ପଦବୀ ହାତେଇଥିଲା। ୨୦୧୮ ଦ୍ୱିତୀୟ ନିର୍ବାଚନରେ ବିଜେଡି ସମସ୍ତ ୧୨ଟି ୱାର୍ଡରେ ବିଜୟୀ ହୋଇଥିଲା। ୨୦୧୮ ନିର୍ବାଚନରେ ବିଜେଡି କାଉନସିଲରମାନେ ୫୭୫୧ ଭୋଟ ପାଇଥିବା ବେଳେ ଚଳିତ ୨୦୨୩ ନିର୍ବାଚନରେ ୫୭୫ଟି ଭୋଟ ବଢ଼ି ୬୩୨୬ ଖଣ୍ଡରେ ରହିଛି। ହେଲେ ନଗରପାଳ ପଦବୀରେ ବିଜେଡିର ସମସ୍ତ ପ୍ରାର୍ଥୀଙ୍କ ଭୋଟଠାରୁ ୨୩୯ ଖଣ୍ଡ ଅଧିକ ଅର୍ଥାତ ୬୫୬୫ ଖଣ୍ଡ ଭୋଟ ପାଇଁ ବନମାଳି ବରିହା ବିଜୟୀ ହୋଇଛନ୍ତି। କଂଗ୍ରେସ ୨୦୧୮ରେ ୧୨୦୧ ଖଣ୍ଡ ଭୋଟ ପାଇଥିବା ବେଳେ ଏଥର ୫୯୯ ଅଧିକ ଭୋଟ ଯୋଡି ୧୮୦୦କୁ ଉନ୍ନୀତ ହୋଇ ଦ୍ୱିତୀୟ ଦଳ ଭାବେ ରହିଛି। ଭାଜପା ୨୦୧୮ରେ ୨୪୭୯ ଭୋଟ ପାଇଥିବା ବେଳେ ଚଳିତଥର ୬୮୨ ଖଣ୍ଡ କମ୍ ଭୋଟ ପାଇ ତୃତୀୟ ସ୍ଥାନକୁ ଖସିଛି। ଅତାବିରା ଏନ୍‌ଏସି ନିର୍ବାଚନ ସ୍ଥିତି ପରଖିଲେ ଏଠାରେ ଭାଜପା ହଜିଯାଇଥିବା ପରି ମନେହେଉଛି।

**ଏମାନେ ଯାହା କୁହନ୍ତି...**

**ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବ**



ଏନ୍‌ଏସି ନିର୍ବାଚନରେ ଅଧ୍ୟକ୍ଷ ଓ କାଉନସିଲରଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିଥିବାରୁ ଅତାବିରାବାସୀଙ୍କୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଜନହିତକାରୀ ଯୋଜନାଗୁଡ଼ିକ ସୂଚାରୁ ରୂପେ ହୋଇଛି। ରାସ୍ତାଘାଟ, ପାନୀୟ ଜଳ, ଶ୍ମଶାନ, ଆଦର୍ଶ ସ୍କୁଲ, ଇନ୍‌ଡୋର ଷ୍ଟାଡିୟମ, ମିସନ ଶକ୍ତି ଗୃହ, ଜାଗା ମିଶନ ଆଦି କରାଯାଇଛି। ଆଗାମୀ ଦିନରେ ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବ।

**-ସ୍ନେହାଙ୍ଗିନୀ ଛୁରିଆ, ଅତାବିରା ବିଧାୟିକା**

**କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବଢୁଛି**



"ଶାସକ ଦଳ, କଳବଳ, ମନ୍ତ୍ରୀ ନେତାଙ୍କ ସହ କଂଗ୍ରେସ ଲଢେଇ କରିଥିଲା। ଜନମତକୁ ସମ୍ମାନ ସହ ସ୍ୱାଗତ କରୁଛୁ। ଆମର ଯୁବ ପ୍ରାର୍ଥୀ ଦୀପକ ରାୟଙ୍କୁ ବିଜୟୀ କରାଇଥିବା ଏବଂ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇ ଅଧ୍ୟକ୍ଷ ପଦବୀରେ କଂଗ୍ରେସକୁ ଦ୍ୱିତୀୟ ଦଳ ଭାବେ ବାଛିଥିବାରୁ ସମସ୍ତ ଏନ୍‌ଏସିବାସୀଙ୍କୁ କୃତଜ୍ଞତା ଜଣାଉଛୁ। ଦଳ ଦୁର୍ନୀତି, ଅନ୍ୟାୟ, ପିସି କାରବାର, ସଟ୍ଟା ଜୁଆ ବିରୋଧରେ ଆଗାମୀ ଦିନରେ ଲଢ଼େଇ କରିବ। ନିଶ୍ଚିତ ଭାବେ ଭବିଷ୍ୟତରେ କଂଗ୍ରେସ ପ୍ରତି ଲୋକ ଆସ୍ଥାଭାଜନ ହେଉଛନ୍ତି। ୨୦୨୪ରେ ନିଶ୍ଚୟ ପରିବର୍ତ୍ତନ ହେବ।

**-ନିହାର ରଞ୍ଜନ ମହାନନ୍ଦ, ଜିଲା କଂଗ୍ରେସ ସଭାପତି**

**ଲୋକେ ଆମକୁ ଭରସା କରୁନାହାନ୍ତି**



"ଅତାବିରା ଏନ୍‌ଏସି ନିର୍ବାଚନ ଫଳାଫଳ ଆମ ପାଇଁ ନିଶ୍ଚିତ ଭାବେ ନୈରାଶ୍ୟଜନକ। ଶାସକ ଦଳ ପଦ୍ମପୁର ଉପ ନିର୍ବାଚନ ଭଳି ପ୍ରତି ୱାର୍ଡରେ ୫/୭ ଶହ ଭୋଟ ପାଇଁ ରାଜ୍ୟ ସ୍ତରୀୟ ନେତା ମନ୍ତ୍ରୀମାନେ ଡେରା ପକାଇଲେ ଓ ଜିତିଲେ। ସାଧାରଣ ନିର୍ବାଚନରେ ସେଠି ଆମେ ଅଧିକ ଭୋଟ ପାଇଥିଲୁ। ମାତ୍ର ଏନ୍‌ଏସି ନିର୍ବାଚନରେ ଲୋକେ ଭରସା କରିପାରୁନାହାନ୍ତି। ଆମକୁ ତର୍ଜମା କରିବାକୁ ପଡ଼ିବ। ଅତାବିରାରେ ଦଳୀୟ ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯିବ।

**-ସୁରେଶ୍ୱର ଶତପଥି, ଭାଜପା ନେତା**

## ବଳିରେ ରକ୍ତରଞ୍ଜିତ ହେଲା ବିନ୍ଧ୍ୟବାସିନୀ ପୀଠ

ଭେଡେନ,୬।୪(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡା ସ୍ଥିତ ମା' ବିନ୍ଧ୍ୟବାସିନୀଙ୍କ ଚୈତ୍ର ପୂର୍ଣ୍ଣିମା ଯାତ୍ରା ଅବସରରେ ଏହି ପୀଠ ରକ୍ତ ରଞ୍ଜିତ ହୋଇଛି। ମାଙ୍କ ଦର୍ଶନ ପାଇଁ ଜିଲାବାସୀଙ୍କ ସମେତ ସମ୍ବଲପୁର, ସୋନପୁର ଜିଲାରୁ ଏହି ପୀଠକୁ ଆସିଥାନ୍ତି । ବିଶେଷକରି ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁମାନେ ସାଙ୍ଗରେ ବୋଦା, ଛାଗ, କୁକୁଡ଼ା ଆଣି ଦେବୀଙ୍କ ପାଖରେ ବଳି ପକାଇଥିଲେ। ଏଠାରେ ପ୍ରାୟ ୧୮୦ଟି ବୋଦା ବଳି ପଡ଼ିଥିଲା। ଦେବୀ ପୀଠରେ ସକାଳୁ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ, ହୋମଯଜ୍ଞ ଆଦି ହୋଇଥିଲା। ଦିନର ଦ୍ୱିତୀୟ ପ୍ରହରରେ ପୂଜକ (ଝାଙ୍କର) ମାନେ ଆସି ରୀତିନୀତି ଅନୁସାରେ ପୂଜା କରିବା ପରେ ବଳିପର୍ବ ଆରମ୍ଭ ହୋଇଥିଲା । ଚଳିତ ବର୍ଷ ପ୍ରବଳ ଖରାରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ପୋଲିସ ଏବଂ ବିନ୍ଧ୍ୟବାସିନୀ କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାନୀୟ ଜଳ ସହ ଅନ୍ନକୋଟ ବ୍ୟବସ୍ଥା କରାଯାଇଥିଲା।

## ରାମଲୀଳାରେ ବାଲୀ ବଧ ମଞ୍ଚସ୍ଥ



ରାମଲୀଳାରେ ପରିବେଷିତ ଏକ ଦୃଶ୍ୟାଭିନୟ।

ଭେଡେନ,୬।୪(ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମର ଗଣପର୍ବ ରାମଲୀଳା ଉତ୍ସବର ବୁଧବାର ଥିଲା ସପ୍ତମ ଦିବସ। ନାଟ୍ୟାଭିନୟରେ ରାବଣ ସୀତାଙ୍କୁ କପଟରେ ଚୋରି କରିବା ପରେ ଲଙ୍କା ନଗରୀ ଅଭିମୁଖେ ଯାତ୍ରା ସମୟରେ ଜଟାୟୁ ପଥ ଓଗାଳିଛି । ଉଭୟଙ୍କ ମଧ୍ୟରେ ଘୋର ଯୁଦ୍ଧ ହୋଇଛି। ଏଥିରେ ଜଟାୟୁ ନିହତ ହୋଇଛି। ମାତ୍ର ରାମଙ୍କୁ ସୀତାଙ୍କ ବାର୍ତ୍ତା ଦେବା ପର୍ଯ୍ୟନ୍ତ ପିଣ୍ଡରୁ ପ୍ରାଣ ଛାଡ଼ିନାହିଁ। ସେଠାରୁ ରାବଣ ସୀତାଙ୍କୁ ପୁଷ୍ପକ ବିମାନରେ ନେଇ ଅଶୋକ କାନନରେ ରାକ୍ଷୀସଙ୍କ ମେଳରେ ବନ୍ଦୀ କରି ରଖିଛି। ଅନ୍ୟପଟରେ ରାମ, ଲକ୍ଷ୍ମଣ ମାୟା ମୃଗକୁ ବଧ କରି କୁଟୀରକୁ ଫେରି ସୀତାଙ୍କୁ ନ ପାଇ ଖୋଜିଛନ୍ତି। ଜଟାୟୁଠାରୁ ସମସ୍ତ ବିଷୟ ଜାଣି ସାରିବା ପରେ ଜଟାୟୁର ମୃତ୍ୟୁ ହୋଇଛି। ରାମ ଲକ୍ଷ୍ମଣ ବଣରେ ବୁଲୁ ବୁଲୁ କବନ୍ଧ ରାକ୍ଷସ ହାବୁଡ଼ରେ ପଡ଼ିଛନ୍ତି। ରାକ୍ଷସର ବାହୁ ଛେଦନ ପରେ ସେଠାରୁ ମୁକ୍ତି ପାଇ ଶବରୀ ସହିତ ଭେଟ ଏବଂ କିଷ୍କିନ୍ଧାର ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ କରିଛନ୍ତି। ସୁଗ୍ରୀବଙ୍କ ଭାଇ ଅତ୍ୟାଚାରି ବାଳୀ ବିଷୟରେ ସମସ୍ତ ବୀରତ୍ୱର ଗାଥା ଶୁଣି ତାକୁ ବଧ କରିବା ପାଇଁ ମିତ୍ର ସୁଗ୍ରୀବ ସହିତ ଉପାୟ ଚିନ୍ତା କରିଛନ୍ତି। ଯୋଜନା ମୁତାବକ ସୁଗ୍ରୀବ ବାଳୀକୁ ଯୁଦ୍ଧ ଡାକରା ଦେଇଛନ୍ତି। ଉଭୟଙ୍କ ଯୁଦ୍ଧ ସମୟରେ ରାମଚନ୍ଦ୍ର ଶର ନିକ୍ଷେପ କରି ବାଳୀକୁ ବଧ କରି ସୁଗ୍ରୀବଙ୍କୁ କିଷ୍କିନ୍ଧା ରାଜ୍ୟର ରାଜା କରାଇବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା।

## ସଡ଼କ ଦୁର୍ଘଟଣା ରୋକିବାକୁ ସଚେତନତା



ସଚେତନତା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

ବରଗଡ଼ ଅଫିସ,୬।୪

ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଅବସରରେ ବରଗଡ଼ କଲ୍ୟାଣ ମଣ୍ଡପରେ ଜନସଚେତନତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ମାନସିକ ଭାରସାମ୍ୟ ରକ୍ଷା କରି ସନ୍ତୁଳିତ ଅବସ୍ଥାରେ ସଡ଼କ ସୁରକ୍ଷା ମାନି ଡ୍ରାଇଭିଂ କଲେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁହାର କମିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ କହିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ନାୟକ, ଡିଏସ୍‌ପି (ଡିଆଇବି) ଠାକୁର ଦାସ ମୁର୍ମୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା ସଡ଼କ ସୁରକ୍ଷା କମିଟି ସଦସ୍ୟ ଯଶବୀର ସିଂ ସାଇନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସଡ଼କ ଦୁର୍ଘଟଣାର କାରଣ ଏବଂ ମୃତ୍ୟୁହାର କମାଇବାର ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘର ପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଏମ୍‌ଭିଆଇ ସୁଷମା ସାହୁ ସଡ଼କ ଜନିତ ମୃତ୍ୟୁହାରକୁ ଶୂନ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ।

## କଳା, ସାହିତ୍ୟ, ସଂସ୍କୃତି ବଞ୍ଚାଇ ରଖିବାକୁ ଆହ୍ୱାନ

ବରଗଡ଼ ଅଫିସ, ୬।୪

ବରଗଡ଼ ଜିଲା ବିଜେପୁର ବ୍ଲକ ପଡା ଗ୍ରାମରେ ପଂରାପାଟ ବାର୍ଷିକ ମହୋତ୍ସବ ଚାଲିଛି। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ଜିଲାର କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପଡା ଗ୍ରାମର ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅଞ୍ଚଳର ସାହିତ୍ୟକ, କବି, ଲେଖକ ଓ କଳାକାରଙ୍କ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଜିଲା ସଂକୀର୍ତ୍ତନ ପରିଷଦ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ମହୋତ୍ସବ ସମିତି ତରଫରୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ସମିତି ସଭାପତି ବଳରାମ ମେହେର, ଉପସଭାପତି ପ୍ୟାରିଲାଲ ପ୍ରଧାନ, ସମ୍ପାଦକ ଧନଞ୍ଜୟ ମେହେର, ସହସମ୍ପାଦକ ସୁରେଶ ଚନ୍ଦ୍ର ମେହେର ଓ କୋଷାଧ୍ୟକ୍ଷ ତୁଳସୀରମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ମହାମନ୍ତ୍ରୀ ଅଭିନେତା ଗୋଲାପ ଦାଶ କଂସ ଭୂମିକାରେ ଅଭିନୟ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା।

## ସଟ୍ଟା ଚଢ଼ାଉ, ୪୭ ଗିରଫ





ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଅଫିସ,୬।୪

ବରଗଡ଼ ଜିଲା ପୋଲିସ ସଟ୍ଟା ଧରପଗଡକୁ ଜୋରଦାର୍ କରିଛି। ଏହି କ୍ରମରେ ଜିଲାର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରି ୪୭ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ନଗଦ ୯୩ ହଜାର ୯୬୫ ଟଙ୍କା ସହିତ ୪୦ଟି ସଟ୍ଟା ଚାର୍ଟ, ୫୨ଟି ସଟ୍ଟା ଚିଟ୍, ୨୦ଟି ମୋବାଇଲ, ୫ଟି କାଲ୍‌କୁଲେଟର, ୨୮ଟି ନୋଟ୍ ବୁକ୍ ଆଦି ଜବତ ହୋଇଛି । ଏ ନେଇ ଜିଲାର ବିଭିନ୍ନ ଥାନାରେ ୩୩ଟି ମାମଲା ରୁଜୁ ହୋଇଛି। ସେଥି ମଧ୍ୟରେ ବରଗଡ଼ ଟାଉନ ଥାନାରେ ୮, ଗ୍ରାମାଞ୍ଚଳ ୩, ସଦର ୫, ବରପାଲି ୩, ଅତାବିରା ୬, ଭଟଲି ୧, ମେଲଛାମୁଣ୍ଡା ୧, ବିଜେପୁର ୨, ପାଇକମାଲ ୨ ଏବଂ ଗାଇସିଲେଟ, ଝାରବନ୍ଧ ଓ ପଦ୍ମପୁର ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଛି।

## ରୋଗୀ କଲ୍ୟାଣ ସମିତିର ବୈଠକ

ପଦ୍ମପୁର, ୬।୪ (ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଜମଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରୋଗୀ କଲ୍ୟାଣ ସମିତି ବୈଠକ ବିଧାୟିକା ବର୍ଷା ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡା.ଆଦିତ୍ୟ ଭୋଇ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ରାଜବୋଡାସମ୍ବର ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା, ଡା.ଲୋକପାଳ ଭୋଇ, ଡା.ଦେବାଶିଷ ରଥ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଅବଗତ କରି ତାର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ।





ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଅତିଥି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ରୋଗୀସେବା ଯୋଗାଇବାକୁ ବିଧାୟିକା ପରାମର୍ଶ ଦେଇଥିଲେ। ବିଏଏମ ଜନକ ବେହେରା, ବିଡିଏମ ପ୍ରୀତମ ଶରଣ ତ୍ରିପାଠୀ, ଫାର୍ମାଶିଷ୍ଟ ମୃତ୍ୟୁଞ୍ଜୟ ସେଠୀ ଉପସ୍ଥିତ ରହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳଛତ୍ର ଶୁଭାରମ୍ଭ, ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବରଗଡ଼ ଅଫିସ, ୬।୪

ବରଗଡ଼ର ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଗୁରୁବାର ବରଗଡ଼ ବ୍ଲକ ଅନ୍ତର୍ଗତ ସରଲାଠାରେ ଜଳଛତ୍ର ଶୁଭାରମ୍ଭ ଏବଂ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ ସଦସ୍ୟ ସାଧୁ ଚରଣ ନେପାକ ଯୋଗଦାନ କରିଥିଲେ। ଆନ୍ତର୍ଜାତିକ କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ, ମେହେର ମୋବାଇଲର ଅଧ୍ୟକ୍ଷ ରୁଷି ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ମୁକୁନ୍ଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କରୋନା ସମୟରେ ଲୋକଙ୍କ ସେବା କରିଥିବା ୧୧ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ୍ଧା, ସରଲା, ଜାମପାଲି, ଲସ୍ତଲା, କୁମ୍ଭାରୀ, କମଗା ଓ ଜାମପାଲି ଗ୍ରାମର ମହିଳାମାନେ ଯୋଗଦାନ କରିଥିଲେ।





ଜଳଛତ୍ର ଶୁଭାରମ୍ଭ କରାଯାଉଛି ।

## ୧୧ରେ ଯମୁନା କାନ୍ଧୁଣୀ ହାଇସ୍କୁଲର ରୌପ୍ୟ ଜୟନ୍ତୀ

ପାଇକମାଲ,୬।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ସ୍ଥିତ ଯମୁନା କାନ୍ଧୁଣୀ ବାଳିକା ଉଚ୍ଚବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଆସନ୍ତା ୧୧ତାରିଖରେ ପାଳନ କରାଯିବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ପାଇକମାଲ ଥାନାଧିକାରୀ ସୁଶାନ୍ତ କୁମାର ବଡେଇଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଗୁରୁବାର ବିଦ୍ୟାଳୟ ନିରୀକ୍ଷଣ କରିଥିଲେ। ସେହିପରି ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡାଙ୍କ ସହ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହାସହିତ ପାଇକମାଲ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ବିଦ୍ୟାଳୟ ପରିଦର୍ଶନ କରି ଆଲୋଚନା କରିଛନ୍ତି। ପାଇକମାଲ ବିଡିଓ ସୁରେନ୍ଦ୍ର ସାହୁ, ଏବିଡିଓ ଦେବାଶିଷ ସିହ୍ନା ବିଦ୍ୟାଳୟ ବୁଲି ବିଭିନ୍ନ କାମର ସମୀକ୍ଷା କରିଛନ୍ତି।

## ସମଲେଶ୍ୱରୀଙ୍କ ବାର୍ଷିକ ସ୍ନାନ ଉତ୍ସବ, ମହାଭୋଗ ଅର୍ପଣ



ସମଲେଶ୍ୱରୀଙ୍କ ମହାସ୍ନାନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁବୃନ୍ଦ।



ଭକ୍ତଙ୍କୁ ପ୍ରସାଦ ଭାବେ ମହାଭୋଗ ପ୍ରଦାନ କରାଯାଉଛି।

ବରଗଡ଼ ଅଫିସ, ୬।୪

ବରଗଡର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ମହାସ୍ନାନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋର୍‌ରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଚୈତ୍ର ପୂର୍ଣ୍ଣିମା ଅବସରରେ ମାଁଙ୍କୁ ମହାଭୋଗ ଅର୍ପଣ କରାଯିବା ପରେ ଭକ୍ତମାନଙ୍କୁ ଦିଆଯାଇଥିଲା। ସେହିପରି ସପ୍ତଶତୀ ଚଣ୍ଡୀପାଠ ହୋମ ସହ ମାଁଙ୍କ ବାସନ୍ତିକ ପୂଜାର ପୂର୍ଣ୍ଣାହୂତି ହୋଇଥିଲା।

ମହାସ୍ନାନ ପାଇଁ ଭୋର୍ ୪ଟା ୧୮ ମିନିଟରେ ମାଁଙ୍କ ପହଡ ଭାଙ୍ଗିବା ପରେ ସ୍ୱତନ୍ତ୍ର ପୂଜା ଆରମ୍ଭ ହୋଇଥିଲା। ପରେ ସକାଳ ୫ଟା ୧୦ ମିନିଟରୁ ଜଳାଭିଷେକ ଆରମ୍ଭ ହୋଇଥିଲା। ଜଳାଭିଷେକ ତଥା ମହାସ୍ନାନପାଇଁଭକ୍ତଙ୍କଲମ୍ବାଧାଡିଦେଖିବାକୁ ମିଳିଥିଲା। ପରେ ମାଁଙ୍କଠାରେ ମହାଭୋଗ ତଥା ଛପନ ଭୋଗ ଲାଗି ହୋଇଥିଲା। ଅପରାହ୍ନ ୨ଟାରେ ମାଁଙ୍କର ଜଳାଭିଷେକ ସମାପ୍ତ ହୋଇଥିବା ବେଳେ ସ୍ୱତନ୍ତ୍ର ଆଳତୀ ପରେ ସେହି ପାଣିଙ୍କୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଛଡା ଯାଇଥିଲା। ଭକ୍ତମାନେ ମାଁ ଗାଧୋଇଥିବା ପାଣିକୁ ଘରକୁ ନେବା ସହ ଛୋଟ ଛୋଟ ଶିଶୁମାନଙ୍କୁ ସେହି ପାଣିରେ ଗାଧୋଇ ଦେଇଥିଲେ। ଏହି ଅବସରରେ ମାଁଙ୍କ ସପ୍ତଶତୀ ଚଣ୍ଡୀ ହୋମ ସହ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା। ଏଥିରେ ଚଣ୍ଡୀପାଠକ ପଣ୍ଡିତ ଚୂଡାମଣି ରଥ, ପୁରୋହିତ ଶିବ ଦାଶ ଏବଂ ବିଘ୍ନରାଜ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, କର୍ତ୍ତା ଜୟପ୍ରକାଶ ଦାଶ, ପଣ୍ଡିତ ରାଜା ଦାଶ ପ୍ରମୁଖ ସହଯୋଗ କରିଥିଲେ । ମାଁ ସମଲେଶ୍ୱରୀ ଦେବୀଙ୍କ ଜଳାଭିଷେକରେ ବିଧାୟକ ଦେବେଶ ଆଚାର୍ଯ୍ୟ ସପତ୍ନୀକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ହାଇସ୍କୁଲ ପାଚେରି ଭାଙ୍ଗି ବାପ ପୁଅ ଗିରଫ

**କୁଚିଣ୍ଡା,୬।୪(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ ଗୋଛରା ଦୀନବନ୍ଧୁ ୫-ଟି ନୋଡାଲ ହାଇସ୍କୁଲ ପାଚେରି ଭଙ୍ଗା ଘଟଣାରେ ପୋଲିସ ବାପ ପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଛରା ଗ୍ରାମର ରାଜ କିଶୋର ଦେଓ ଓ ତାଙ୍କ ପୁଅ ଶୁଭବ୍ରତ ଦେଓ। ଗତ ୨ତାରିଖ ରାତିରେ ଏମାନେ ହାଇସ୍କୁଲ ପାଚେରି ଓ ଶୌଚାଳୟକୁ ଜେସିବି ମେଶିନ ଲଗାଇ ଭାଙ୍ଗି ଦେଇଥିଲେ। ଏ ନେଇ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କା ମହୁଲପାଲି ଥାନାରେ ଏତଲା ଦେବାସହ ସମ୍ବଲପୁର ଜିଲାପାଳଙ୍କ କୁଚିଣ୍ଡା ଜନଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମହୁଲପାଲି ଥାନା କେସ୍ ନଂ୪୩/୨୩ରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପୋଲିସ ଉଭୟଙ୍କୁ ଗିରଫ କରି ଗୁରୁବାର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା

**କୁଚିଣ୍ଡା,୬।୪(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଆୟୋଜିତ ହେଉଥିବା ନାମଯଜ୍ଞ ପାଇଁ ଗୁରୁବାର ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ୬ତାରିଖଠାରୁ ଆରମ୍ଭ ହୋଇ ଆସନ୍ତା ୮ରେ ପୂର୍ଣ୍ଣାହୁତି ହେବ। ମହିଳାମାନେ ଲାଡ ଗ୍ରାମର ଡଙ୍ଗାଘାଟରେ ପୂଜାର୍ଚ୍ଚନା କରି ଖର୍ଲା ନଦୀରୁ ୧୦୦୮ କଳସରେ ପାଣି ନେଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମଣ୍ଡପରେ ନାମଯଜ୍ଞ ଆରମ୍ଭ ହୋଇ ଯଜ୍ଞ ଅଗ୍ନିସ୍ଥାପନ କରାଯାଇଥିଲା। ଏହି ଅବସରରେ ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ରାମାନୁଜମ ଗଣିତ ମେଧା ପରୀକ୍ଷା

**ସମ୍ବଲପୁର,୬।୪(ବ୍ୟୁରୋ):** ରାମାନୁଜମ ଗଣିତ ମେଧା ପରୀକ୍ଷା ବରିଷ୍ଠ ନାଗରିକ ସମାଜ ସମ୍ବଲପୁର ପକ୍ଷରୁ ଆୟୋଜିତ ହୋଇଯାଇଛି। ଗତ ୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଜିଲାର ବିଭିନ୍ନ ସ୍କୁଲରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବୁର୍ଲାର ୪ଟି ହାଇସ୍କୁଲ ସମେତ ଫଟାବାହାଲସ୍ଥିତ ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ୧୫୯ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ନାଗରିକ ସମାଜ ସମ୍ବଲପୁରର ପ୍ରଦୀପ କୁମାର ପଣ୍ଡା, ନିର୍ମଳ କୁମାର ମାଇତି, ଶ୍ରୀଲତା ମିଶ୍ର, ଡ. ସୁରେନ୍ଦ୍ର କୁମାର ପଣ୍ଡା, ଶମ୍ଭୁ ଭୁଷଣ ସେନ, ପ୍ରଭଞ୍ଜନ ସାଏ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ଆସନ୍ତା ମେ ମାସରେ ଗ୍ରୀଷ୍ମ ଅବକାଶ ପୂର୍ବରୁ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ବରିଷ୍ଠ ନାଗରିକ ସମାଜ ପକ୍ଷରୁ ସୂଚନା ଦିଆଯାଇଛି।

### ଶପଥ ନେଲେ ଓକିଲ ସଂଘ କର୍ମକର୍ତ୍ତା

**ଟିଟିଲାଗଡ଼, ୬।୪(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓକିଲ ସଂଘ ସଭାଗୃହରେ ନବ ନିର୍ବାଚିତ ସଦସ୍ୟଙ୍କ ଶପଥଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରବିକିରଣ ସ୍ୱାଇଁଙ୍କ ସ୍ୱାଗତ ଅଭିଭାଷଣ ପରେ ଓକିଲ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ।

# ଦୁର୍ନୀତି ପାଇଁ ଶିକ୍ଷକଙ୍କ ଜମାଖାତାରେ ଟଙ୍କା

ସମ୍ବଲପୁର,୬।୪(ବ୍ୟୁରୋ)



**ସ୍କୁଲ ବ୍ୟାଗ୍ କିଣା ପ୍ରସଙ୍ଗ**

- ୨୦ ହଜାର ପିଲାଙ୍କ ୨୬ ଲକ୍ଷ ଟଙ୍କାର ଘୋଟାଲା
- ୨ ବର୍ଷ ପରେ ଟଙ୍କା ଉଠାଗଲା

ସ୍କୁଲ ପିଲାଙ୍କ ପାଇଁ ବ୍ୟାଗ କିଣା ଟଙ୍କାକୁ ହରିଲୁଟ କରିବାକୁ ଯୋଜନା କରାଯାଉଛି। ଧନକଉଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିବା ପରେ ଏହି ଘଟଣା ପଦାକୁ ଆସିଛି। କେବଳ ଧନକଉଡା ନୁହେଁ ଜିଲାର ଅଧିକାଂଶ ବ୍ଲକରେ ଏଭଳି ଘଟଣା ନେଇ ଅଭିଯୋଗ ହେଉଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ସରକାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ଦେବାକୁ ଯୋଜନା କରିଥିଲେ। ଜିଲାର ୯ ଗୋଟି ବ୍ଲକରେ ମୋଟ ୨୦ ହଜାର ୭୦୬ ଛାତ୍ରୀଛାତ୍ର ଏହି ଯୋଜନାରେ ସାମିଲ ହୋଇଥିଲେ। ଗୋଟିଏ ବ୍ୟାଗ ମୂଲ୍ୟ ୧୨୯ ଟଙ୍କା ୬୦ ପଇସା ରହିଥିବା ବେଳେ ସରକାର ବ୍ୟାଗ୍ କିଣିବାକୁ ହାରାହାରି ୨୬ ଲକ୍ଷ ଟଙ୍କା ଦେଇଥିଲେ। ନିୟମ ରହିଥିଲା ଯେ, ପ୍ରତି ଛାତ୍ରୀଛାତ୍ର କିମ୍ବା ଅଭିଭାବକଙ୍କ ଜମା ଖାତାରେ ଟଙ୍କା ଦିଆଯିବ। ସେମାନେ ତାଙ୍କ ପସନ୍ଦ ଅନୁସାରେ ବ୍ୟାଗ କିଣିବେ। ହେଲେ ଟଙ୍କା ଦିଆଗଲା ନାହିଁ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ ଶିକ୍ଷା ବିଭାଗକୁ ଜମାଖାତାର ବିବରଣୀ ମଧ୍ୟ ମଗାଯାଇଥିଲା। ଏଭଳି ଭାବେ ଯୋଜନାକୁ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବ୍ୟାଗ୍ କିଣା ଟଙ୍କା ପିଲାଙ୍କ ପାଖରେ ପହଞ୍ଚିଲା ନାହିଁ। ପରେ ଘୋଷଣା କରାଯାଇଥିବା ବେଳେ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବ୍ୟକ୍ତିଗତ ଜମା ଖାତାରେ ଟଙ୍କା ଦିଆଯାଇଛି। ବ୍ୟାଗ କିଣାରେ ଦୁର୍ନୀତି କରିବାକୁ ଏଭଳି କରାଯାଇଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଦ୍ୱିତୀୟ ଶ୍ରେଣୀ ପିଲା ତୃତୀୟକୁ ଉନ୍ନୀତ ହୋଇଛନ୍ତି। କେତେକ ପିଲା ଟିସି ନେଇ ଅନ୍ୟ ସରକାରୀ କିମ୍ବା ଘରୋଇ ସ୍କୁଲକୁ ଚାଲିଯାଇଛନ୍ତି। ତାଙ୍କ ନାମରେ ଆସିଥିବା ଟଙ୍କା ମଧ୍ୟ ଆତ୍ମସାତ୍ କରାଯିବ। ବ୍ୟକ୍ତିଗତ ଜମା ଖାତାରେ ଟଙ୍କା ଦେବାରୁ ସେମାନେ ମନଇଚ୍ଛା ଟଙ୍କା ଉଠାଇ ପାରିବେ। ସମଗ୍ର ଜିଲାରେ ଏଭଳି ସ୍ଥିତି ରହିଥିବାବେଳେ ଧନକଉଡା ବିଇଓ ସୁରେନ୍ଦ୍ର ସାହୁଙ୍କ ନାମରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି, ବିଇଓ ସାହୁ ଶିକ୍ଷକମାନଙ୍କ ଜମାଖାତାରେ ଟଙ୍କା ଦେଇଛନ୍ତି। ଏବେ ଉକ୍ତ ବ୍ୟାଗ ବାବଦକୁ ଦେଇଥିବା ଟଙ୍କା ବ୍ୟକ୍ତିଗତ ଜମା ଖାତାରେ ଦେଇ ଦୁର୍ନୀତି କରିବାକୁ ପ୍ରଶ୍ରୟ ଦେଉଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରେ ୩ ଗୋଟି ଲେଖାଏ ଜଏଣ୍ଟ ଆକାଉଣ୍ଟ ରହିଛି। ଉକ୍ତ ଖାତାକୁ କାହିଁକି ଟଙ୍କା ଦିଆଗଲା ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏବେ ପିଲାମାନେ ବ୍ୟାଗ ପାଇଛନ୍ତି କି ନାହିଁ, ବ୍ୟାଗ ନ କିଣି ୟୁସି ଦିଆଯାଇଛି କି ନାହିଁ ସେ ନେଇ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଧନକଉଡା ବିଇଓ ସାହୁ କହିଛନ୍ତି, ପିଲା ଓ ଅଭିଭାବକ ଜମା ଖାତା ଦେବାରେ ବିଳମ୍ବ କରିଥିଲେ। କେତେକ କ୍ଷେତ୍ରରେ ଜମାଖାତା ଚାଲୁ ନ ଥିଲା। ତେଣୁ ପ୍ରଧାନଶିକ୍ଷକମାନଙ୍କ ଜମାଖାତାକୁ ଟଙ୍କା ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ଓ ଶିକ୍ଷକମାନଙ୍କ ଏଥିରେ ସ୍ୱୀକୃତି ରହିଛି ବୋଲି ସେ କହିଥିଲେ। ଅନ୍ୟପଟେ ଜିଲା ଶିକ୍ଷା ଅଧିକାରୀ ମୀନାରାଣି ମଣ୍ଡଳଙ୍କୁ ଫୋନରେ ଯୋଗାଯୋଗ ସମ୍ଭବ ନ ହେବାରୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା କହିଛନ୍ତି, ଟଙ୍କା ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଅଫିସରୁ ଦିଆଯାଇଛି। କାହିଁକି ଏଭଳି କରାଯାଇଛି ଜାଣିନାହିଁ କହି ସେ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଓବିସି ମଞ୍ଚ



ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ଓବିସି ମଞ୍ଚ ସଦସ୍ୟ।

ସମ୍ବଲପୁର,୬।୪(ବ୍ୟୁରୋ)

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଓଡିଶା ରାଜ୍ୟ ଓବିସି ମଞ୍ଚ କର୍ମକର୍ତ୍ତା ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାୟପୁରସ୍ଥିତ ଆବାସିକ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କର୍ମକର୍ତ୍ତାମାନେ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ କରାଯାଉଥିବା ଆନ୍ଦୋଳନ ସମ୍ପର୍କରେ ଅବଗତ କରିଥିଲେ। ଛତିଶଗଡ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୧୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାବେଳେ ଏହାକୁ ୨୭ ପ୍ରତିଶତ କରିବା ପାଇଁ ଏକ ବିଧେୟକ ଗୃହରେ ପାରିତ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ମୁଖ୍ୟମନ୍ତ୍ରୀ ବଘେଲ ପ୍ରକାଶ କରିଥିଲେ। ଆଲୋଚନା ସମୟରେ ଓବିସି ମଞ୍ଚ ରାଜ୍ୟ ସଭାପତି ଶଙ୍କର ପାତ୍ର, ଛତିଶଗଡ ସରକାରଙ୍କ ପଛୁଆବର୍ଗ ବିକାଶ ପ୍ରାଧିକରଣ ସଦସ୍ୟ ନରେନ୍ ସାହୁ, ଦୀପକ ପ୍ରଧାନ, ପରଦେଶୀ ବିଶ୍ୱାଳ, ମଞ୍ଚର ସମ୍ବଲପୁର ଜିଲା ଆବାହକ ସରୋଜ ସାହୁ, ଓବିସି କର୍ମୀ ସୁଧାଂଶୁ ଶେଖର ମହାରଣା, ବୀରେନ୍ଦ୍ର କୁମାର ପ୍ରଧାନ, ଓବିସି ଅନ୍ତର୍ଭୁକ୍ତ ସମାଜର ରାଜ୍ୟ ଓ ଜିଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ୟାରେଜ ନିର୍ମାଣ: ବେଆଇନ କାମ ନେଇ ଅସନ୍ତୋଷ

କୁଚିଣ୍ଡା,୬।୪(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଜନକଡ଼ିହିଠାରେ ଭେଡେନ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ କାମ ଚାଲୁରହିଛି। ହେଲେ ଠିକା ସଂସ୍ଥାର ବେଆଇନ କାମ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଗୋଛରା ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ସମ୍ବଲପୁର ଜିଲାପାଳ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଲିଖିତ ଅଭିଯୋଗ କରାଯାଇଛି।

ସୂଚନା ଅନୁଯାୟୀ, ଅଣଜଳସେଚିତ ଗୋଛରା ଅଞ୍ଚଳରେ ଚାଷ ଜମିକୁ ଜଳସେଚନ ନିମନ୍ତେ ସରକାର ଗୋଛରା ନିକଟସ୍ଥ ଜନକଡ଼ିହି ଭେଡେନ ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଥିଲେ। ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଏଥିପାଇଁ ଟେଣ୍ଡର ଆହ୍ୱାନ କରିଥିଲା ଓ ଛତିଶଗଡ଼ର ଏକ ଠିକା କମ୍ପାନୀ ଏହି ନିର୍ମାଣ କାମ କରିବା ପାଇଁ ଟେଣ୍ଡର ପାଇଥିଲା। ୫୫କୋଟି ବ୍ୟୟ ଅଟକଳରେ ଏହି ଠିକା ସଂସ୍ଥା ଗତ ନଭେମ୍ବର ମାସରୁ କାମ ଆରମ୍ଭ କରିଥିଲା।



ବ୍ୟାରେଜ ନିର୍ମାଣ ପାଇଁ ବସାଯାଇଥିବା ଅସ୍ଥାୟୀ କ୍ରଶର।

- କ୍ରଶର ଗୁଣ୍ଡରେ ପରିବେଶ ପ୍ରଦୂଷିତ
- ପଥର ବ୍ଲାଷ୍ଟିଂ ବନ୍ଦ ଦାବି

ମାତ୍ର ଠିକା କମ୍ପାନୀ ବେଆଇନ କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିୟମକୁ ବେଖାତିର କରାଯାଇ ନଦୀ ଭିତରେ ପଥର ବ୍ଲାଷ୍ଟିଂ କରାଯାଉଛି। ପଥର ଫଟାଇବା ପରେ ଏହାକୁ ସରକାରଙ୍କଠାରେ ଜମା ନ କରି ନିର୍ମାଣ କାମରେ ବ୍ୟବହାର କରାଯାଉଛି। ସେହିପରି ବିନା ଅନୁମତିରେ ନଦୀ ବାଲିକୁ ନିଜ ଠିକା କାମରେ ବ୍ୟବହାର କରାଯାଉଛି। ବ୍ଲାଷ୍ଟିଂ ପାଇଁ ଗ୍ରାମସଭାର ଅନୁମତି ଆବଶ୍ୟକ ଥିବାବେଳେ ଠିକା କମ୍ପାନୀ ଏହାକୁ ପାଳନ କରୁନାହିଁ। ଏହି ଠିକା ସଂସ୍ଥା ଏକ ଭ୍ରାମ୍ୟମାଣ କ୍ରଶର ମେସିନ ଦ୍ୱାରା ପଥର ଫଟାଇ ଗେଟି ତିଆରି କରୁଛି। ଫଳରେ ପଥର ଗୁଣ୍ଡ ଉଡ଼ି ଚାଷୀଙ୍କ ଜମି ନଷ୍ଟ ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ପଥର ବ୍ଲାଷ୍ଟିଂ ଓ କ୍ରଶରକୁ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେଙ୍କୁ ପଚାରିବାରେ ପଥର ବ୍ଲାଷ୍ଟିଂ, କ୍ରଶର ଆଦି ପାଇଁ ଠିକା ସଂସ୍ଥାର ଅନୁମତି ରହିଛି ଓ ବାଲି ପାଇଁ ରାଜସ୍ୱ ଜମା କରିଥିବା କହିଛନ୍ତି।

# ଜିଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର

**ସ୍ମୃତିପତ୍ରିକା ସଂଯୋଗ ଲୋକାର୍ପିତ**

ସମ୍ବଲପୁର,୬।୪(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ ୟୁ)ର ଶିକ୍ଷା ବିଭାଗ ପକ୍ଷରୁ ଅମୃତବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠରେ ଆଦିବାସୀ ଶିକ୍ଷା ସମସ୍ୟା ଓ ଆହ୍ୱାନ ନିର୍ଣ୍ଣୟକାରୀ, ପ୍ରକ୍ରିୟା ଓ ହସ୍ତକ୍ଷେପ ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଡ. ଏନ୍ ନାଗାରାଜୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲାବେଳେ କୁଳସଚିବ ଯୁଗଳେଶ୍ୱରୀ ଦାସ, ଉପକୁଳସଚିବ ଡ଼. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ଼. ସୁଶାନ୍ତ କୁମାର ଦାସ ଓ ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଡ଼. ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ଼. ପାର୍ଥ ସାରଥୀ ମଲ୍ଲିକ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ଆମ୍ବଗୁଡ଼ିଆ ଓ ପ୍ରଫେସର ଏନ୍ ନାଗାରାଜୁଙ୍କ ଦ୍ୱାରା ସ୍ମୃତିପତ୍ରିକା ସଂଯୋଗ ଲୋକାର୍ପଣ ହୋଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଡ଼. ଶଙ୍କର ପ୍ରସାଦ ମହାନ୍ତି ଓ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ଡ଼. ରାଜୀବ ଲୋଚନ ମହାପାତ୍ର ଉପସ୍ଥିତ ଥିଲେ। ରାୟପୁରସ୍ଥିତ ବହୁଭାଷିକ ଗବେଷଣା କେନ୍ଦ୍ରର ଡ଼. ମହେନ୍ଦ୍ର ମିଶ୍ର, ବିଳାସପୁରସ୍ଥିତ ଗୁରୁ ଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ପ୍ରାଧ୍ୟାପକ ଡ଼. ସମ୍ବିତ ପାଢ଼ୀ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷଣ ଅନୁଷ୍ଠାନର ପ୍ରଫେସର ରମାକାନ୍ତ ମହାଲିକ୍ ଯୋଗଦେଇ ଅନୁସୂଚିତ ଜନଜାତିଙ୍କ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ନିଯୁକ୍ତି ଶିବିର

ସମ୍ବଲପୁର,୬।୪(ବ୍ୟୁରୋ)

ସମ୍ବଲପୁର ପରଧିଆପାଲିସ୍ଥିତ ବଦ୍ରିପ୍ରସାଦ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟରେ ବିଭିନ୍ନ କମ୍ପାନୀର ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପସ୍ ପ୍ଲେସମେଣ୍ଟ କ୍ଷେତ୍ରରେ ଏହି ଅନୁଷ୍ଠାନ ଦିନକୁ ଦିନ ନୂତନ ବେଞ୍ଚମାର୍କ ସୃଷ୍ଟି କରୁଛି। ଏହି ମେଗା ଡ୍ରାଇଭରେ ଛାତ୍ରମାନଙ୍କୁ ଚୟନ କରାଯାଇଛି। ଛାତ୍ରମାନେ ଜୁନ୍ ମାସରେ ସେମାନଙ୍କର ଅନ୍ତିମ ପରୀକ୍ଷା ସମାପ୍ତ ହେବା ପରେ ଶୀଘ୍ର କମ୍ପାନୀରେ ଯୋଗଦେବେ। ଅଧିବେଶନ ପୂର୍ବରୁ ଅନୁଷ୍ଠିତ କ୍ୟାମ୍ପସ୍ ଡ୍ରାଇଭରେ କ୍ରୋସାକି ଲିମିଟେଡ୍ ବେଲପାହାଡ ରହିଥିଲା। ଆସନ୍ତା ମାସରେ ବିବିଏ/ବିସିଏ ଓ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରମାନଙ୍କ ପାଇଁ ଆଉ ୪ଟି କମ୍ପାନୀର କ୍ୟାମ୍ପସ୍ ଡ୍ରାଇଭ୍ ଧାର୍ଯ୍ୟ କରାଯାଇଛି। ବଦ୍ରିପ୍ରସାଦ ଗ୍ରୁପ୍ ଅଫ୍ ଅନୁଷ୍ଠାନର ନିଯୁକ୍ତି କ୍ଷେତ୍ରରେ ଟ୍ରାକ ରେକର୍ଡ ଅଛି। ଡିପ୍ଲୋମା ଇଂରାଜୀ, ଡିଗ୍ରୀ ପାଠ୍ୟକ୍ରମ, ବିସିଏ, ବିବିଏ ପାଠ୍ୟକ୍ରମ, ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍ ଛାତ୍ରମାନଙ୍କୁ ସ୍ଥାନିତ କରିବା ପାଇଁ ପାନ୍ ଇଣ୍ଡିଆରୁ ଖ୍ୟାତିସମ୍ପନ୍ନ କମ୍ପାନୀର କ୍ୟାମ୍ପସ୍ ନିଯୁକ୍ତି ଡ୍ରାଇଭ୍ ଆୟୋଜନ କରିଥାଏ। ପ୍ରଶିକ୍ଷଣ ଓ ପ୍ଲେସମେଣ୍ଟ ଅଫିସର ପ୍ରିନ୍ସପାଲ୍ ସୋମ୍ୟଜିତ ମିଶ୍ର ସମସ୍ତ କମ୍ପାନୀକୁ କୃତଜ୍ଞତା ଜଣାଇଛନ୍ତି।

# ବିଡିଓଙ୍କୁ ସରପଞ୍ଚ ସଂଘର ୭ଦଫା ଦାବିପତ୍ର

ରେଢାଖୋଲ,୬।୪(ଡି.ଏନ.ଏ.)



ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମନଇଚ୍ଛା ବିଦ୍ୟୁତ୍ ବିଲ୍ ପ୍ରଦାନ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ସମାଧାନ ନେଇ ଗୁରୁବାର ରେଢାଖୋଲ ବ୍ଲକ ସରପଞ୍ଚ ସଂଘ ବିଡିଓଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରିଛି। ସଂଘ ସମ୍ପାଦକ ତଥା ବୁର୍ଡା ପଞ୍ଚାୟତର ସରପଞ୍ଚ ରାଜା ପାଲଙ୍କ ନେତୃତ୍ୱରେ ୧୪ ପଞ୍ଚାୟତର ସରପଞ୍ଚ ବିଡିଓ ମାନୋଜ ମେହେରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀ ପାଉଥିବା ଭତ୍ତାଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ, ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଜଳାଭାବ ଥିବା ଗ୍ରାମରେ ନଳକୂପ ଖନନ, ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚମାନଙ୍କ ମତାମତ ନିଆଯିବା ଆଦି ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ବିଦ୍ୟୁତ୍ ବଣ୍ଟନ କମ୍ପାନୀ ମନଇଚ୍ଛା ବିଲ ପ୍ରଦାନ କରୁଥିବା ନେଇ ସଂଘ ଅଭିଯୋଗ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଲୁହାପଙ୍କ ସରପଞ୍ଚ ଚିନ୍ମୟୀ ପ୍ରଧାନ, କଦଳିଗଡରେ ସରୋଜ ସେଠୀ, ତ୍ରିବଣପୁର ରୀଙ୍କି ସେଠୀ, ଭାଲିଆକଟାର ସନ୍ଧ୍ୟାରାଣୀ ପ୍ରଧାନ, ମୋଚିବାହାଲର ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ଘଣ୍ଟେଶ୍ୱରୀଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା





ଚୈତ୍ର ପୂର୍ଣ୍ଣିମା ମହୋତ୍ସବରେ ଅତିଥିମାନେ।

ସମ୍ବଲପୁର,୬।୪(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଚିପିଲିମା ମା' ଘଣ୍ଟେଶ୍ୱରୀଙ୍କ ପୀଠରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ମହୋତ୍ସବ ହୋଇଥିଲା। ଏହି ଅବସରରେ ସମ୍ବଲପୁର ବିଜୁ ଯୁବ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଓ ବଗବିରା ମନ୍ଦିର କମିଟି ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଜେଡି ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଅତିଥି ଭାବେ ଜିଲା ମୋ ପରିବାର ସଂଯୋଜିକା କବିତା ପୁରୋହିତ, ଘଣ୍ଟେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ପୂଜାରୀ, ଧନକଉଡ଼ା ଜୋନ୍-୨ ଜିଲା ପରିଷଦ ସଭ୍ୟ ସୁଦର୍ଶନ ହରିପାଲ, ଜିଲା ଯୁବ ବିଜେଡ଼ି ସମ୍ପାଦକ ମଞ୍ଜୁ ଓରାମ, ଜିଲା ଆଇଟି ସଂଯୋଜକ ଚିତ୍ତରଞ୍ଜନ ରାଉଳ, ରାଜ୍ୟ ଯୁଗ୍ମ ସମ୍ପାଦକ ଦିଲୀପ ଦୂରିଆ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ମୋଟ ୩୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ନାଗଫାଶରେ ଫସିଲେ ରାମ, ଲକ୍ଷ୍ମଣ

ସମ୍ବଲପୁର,୬।୪(ବ୍ୟୁରୋ)

**ବିଶାଲଖିଣ୍ଡାରେ ରାମଲୀଳା ମହୋତ୍ସବ**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବିଶାଲଖିଣ୍ଡା ଗ୍ରାମରେ ରାମଲୀଳା ମହୋତ୍ସବର ଷଷ୍ଠ ଦିବସ ପ୍ରଥମ ପର୍ଯ୍ୟାୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଓ ପୂର୍ବତନ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ବରଗଡ ସମବାୟ ସମିତି ନିର୍ଦ୍ଦେଶକ କିରନ ବେହେରା, ଧନକଉଡ଼ା ବ୍ଲକ ଜୋନ୍ ୨ ଜିଲାପରିଷଦ ସଦସ୍ୟ ସୁଦର୍ଶନ ହରିପାଲ, ରେଙ୍ଗାଲି ବ୍ଲକ ଜୋନ୍ ୨ ଜିଲାପରିଷଦ ସଭ୍ୟ ଦେବନାରାୟଣ ତିୱାରୀ, ମାନେଶ୍ୱର ବ୍ଲକ ଜୋନ୍ ୧ ଜିଲାପରିଷଦ ସଭ୍ୟ ସରୋଜା ସେଠ, ଧନକଉଡ଼ା ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଲଙ୍କାଧିପତି ରାବଣ ମହାରାଜା ରାଜଦରବାର କାର୍ଯ୍ୟ ପରିଚାଳନା କରିଥିଲେ। ରାମଲୀଳା କମିଟି ସଭାପତି ଦୁର୍ଗାପ୍ରସାଦ ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଭାପତିଙ୍କ ଅନୁରୋଧ କ୍ରମେ ଲଙ୍କା ଦରବାର, କୁମ୍ଭକର୍ଣ୍ଣ ବଧ, ରାମଲକ୍ଷ୍ମଣଙ୍କୁ ନାଗଫାସରେ ବନ୍ଧନ ଅନୁଷ୍ଠିତ ହୋଇଥିଲା। ଶେଷରେ ସମ୍ପାଦକ ଜ୍ୟୋତି ବରେଇ ସମସ୍ତ ଶ୍ରଦ୍ଧାଳୁ, କଳାକାର ଓ ସହଯୋଗୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ରାମଲୀଳା କଳାକାରଙ୍କ ସହ ଅତିଥିମାନେ।

# ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତା

**ବିଶ୍ୱନାଥ-ବିକାଶ ଯୋଡି ପ୍ରଥମ**

ସମ୍ବଲପୁର,୬।୪(ବ୍ୟୁରୋ)

ସ୍ୱଚ୍ଛ, ସୁସ୍ଥ ଓ ସବୁଜ ମହାନଦୀ ବାର୍ତ୍ତା ନେଇ ମୀନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ପ୍ରତିଯୋଗିତା ଗୁରୁବାର ଆୟୋଜିତ ହୋଇଥିଲା। ବିଶ୍ୱନାଥ ତନସେନା ଓ ବିକାଶ ସାହୁ ଯୋଡି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରଞ୍ଜନ ବଢେଇ ଓ ଭିମ ବେରିହା ଦ୍ୱିତୀୟ, ମହେନ୍ଦ୍ର ବାଗ ଓ ରିଙ୍କୁ ଝାଙ୍କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜିଲା କ୍ରୀଡାସଂଘ ସମ୍ପାଦକ ସୁନିଲ କୁମାର ସାହୁ, ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ, ଲୋକନାଥ ଦେହୁରି, କିରନ ସେଠ, ନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୩୫ ଯୋଡି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନ ସାଢ଼େ ୪ଟାରୁ ବଡବଜାର ସଡକ ଘାଟରୁ ତିନିଟି ପର୍ଯ୍ୟାୟରେ ନୌକା ପ୍ରତିଯୋଗିତା ଆରମ୍ଭ ହୋଇ ଅଯୋଦ୍ଧା ସରୋବର ଘାଟଠାରେ ଶେଷ ହୋଇଥିଲା। ପ୍ରତିଯୋଗିତାରେ ସୋନପୁର, ବୌଦ୍ଧ, ଧମା, ଦେଓଗାଁ, ହରଭଙ୍ଗା, ଚାଉଁରପୁର, ବୀରମହାରାଜପୁର, ପୋତାପାଲି, ହାଟପଡା, ଦଲେଇପଡା, କୁଞ୍ଜେଲପଡା, ବଡବଜାରରୁ ପ୍ରତିଯୋଗୀ ଭାଗ ନେଇଥିଲେ। ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ଦୀପକ ବରାଡ, ସହ କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରି, ସହ ଖେଳ ସମ୍ପାଦକ ସୋମାନାଥ ସେଟ, ସୁଜିତ ମହାପାତ୍ର ଓ ବରିଷ୍ଠ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାଏକ ଏହାକୁ ପରିଚାଳନାକରିଥିଲେ। ଲକ୍ଷ୍ମଣ ନାଥ, ସାହେବ ଖମାରୀ, ବଦ୍ରିନାରାୟଣ ପୁରୋହିତ, ଚିନ୍ତନ ନାଏକ ରେଫରି ଦାୟିତ୍ୱ ତୁଲାଇଥିଲେ।



ସମ୍ବଲପୁର ମହାନଦୀରେ ନୌକା ପ୍ରତିଯୋଗିତା।

